୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.51 Bhubaneswar Saturday March 30 2024 | ୨୬ତମ ବର୍ଷ ସଂଖ୍ୟା-୫୧ ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.5P) | Member-INS

## ଶ୍ରୀମୟୀ ମିଶ୍ର ନିଖୋଜ, ଖୋର୍ଦ୍ଧା ବିଜେଡିରେ କମ୍ପନ: ପ୍ରଚାରକୁ ଡରିଲେଣି ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୨୯ ।୩(ପି.ଏନ):ବିଜେଡିକୁ ଏବେ ଅଡୁଆ ସାଜିଛି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର। କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ବିଜେଡି ନିଜର ସାଂସଦ ପ୍ରାର୍ଥୀ କରିବା ପରେ ଖୋର୍ଦ୍ଧା ଓ ଭୁବନେଶ୍ୱର ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଦଳର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ କରି ୬ମାସ ଆଗରୁ ନିର୍ବାଚନମଣ୍ଡଳୀ ବୁଲାଇବା, ଦଳର ସ୍ଥାନୀୟ ନେତାମାନଙ୍କ ସହ ପରାମର୍ଶ ନକରି ଅଚାନକ ମନ୍ମଥଙ୍କୁ ଦଳରେ ମିଶାଇ ଟିକେଟ୍ ଦେବା ଓ ମନ୍ମଥଙ୍କୁ ନିଜ ପରିବାର(ଭାଇ ଓ ପିତାଙ୍କ)ରୁ ବିରୋଧ ହେବା ପରେ ବିଜେଡି ହରଡଘଣାରେ ପଡିଛି। ଆଉ ଏପଟେ ଶ୍ରୀମୟୀ ସମ୍ପୂର୍ଣ୍ଣ ନିଖୋଜ ହୋଇଯାଇଛନ୍ତି।ଶ୍ରୀମୟୀଙ୍କ ମୋବାଇଲ୍ ଫୋନ ବନ୍ଦ ରହିଛି ଓ ସୋସିଆଲ ମିଡିଆରୁ ମଧ୍ୟ ନିଷ୍କ୍ରିୟ ଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଏପରି ହୋଇଛି ଯେ, ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଧାୟକ ପ୍ରାର୍ଥୀମାନେ ଏବେ ନିଜ ଅଂଚଳରେ ପ୍ରଚାର କରିବାକୁ ବି ସାହାସ ଜୁଟାଇ ପାରୁନଥିବା ଜଣାପଡିଛି। ମହିଳା କାର୍ଡ ଖେଳୁଥିବା ବିଜେଡି ନିଜର ଜଣେ ଆଗଧାଡିର ନେତ୍ରୀଙ୍କୁ ଦୀର୍ଘ ୬ମାସ ବୁଲାଇବା ପରେ ଅଚାନକ ହଟାଇ ଦେଇ କଂଗ୍ରେସରୁ ଆସୁଥିବା ମନ୍ମଥଙ୍କୁ ଲୋକସଭା ଟିକେଟ୍ ଧରାଇ ଦେବାକୁ ନେଇ ଦଳୀୟ କର୍ମୀ ବିଶେଷକରି ଦଳର ମହିଳା ଭୋଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।ସୂଚନା ଅନୁସାରେ, ମନ୍ମଥଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ ଭାବେ ଘୋଷଣା କରିବା ପରଠୁ ବିଜେଡି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷିକା ତଥା ମୁଖପାତ୍ର ଶ୍ରୀମୟୀ ମିଶ୍ରଙ୍କ ପତ୍ତା ମିଳୁନି। ସୋସିଆଲ ମିଡିଆରେ ବେଶୀ ସକ୍ରିୟ ଥିବା ଶ୍ରୀମୟୀଙ୍କ ଫେସବୁକ, ଇନଷ୍ଟାଗ୍ରାମ ମଧ୍ୟ ଏବେ ଅଚଳ ଅବସ୍ଥାରେ ପଡିଛି। ଏପରିକି ଶ୍ରୀମୟୀଙ୍କ ମୋବାଇଲ ଫୋନ୍ ମଧ୍ୟ ଗତ କିଛିଦିନ ଧରି ସୁଇଚ୍ ଅଫ୍ ରହିଛି। ଏପରିକି ସେ ତାଙ୍କ ସରକାରୀ ବାସଭବନରେ ରହୁନଥିବାରୁ ତାଙ୍କ ସହ ଯୋଗାଯୋଗ କରିବା ସମ୍ଭବପର ହୋଇପାରୁନଥିବା ଦଳୀୟ ମହଲରେ ଚର୍ଚ୍ଚା। ପୂର୍ବରୁ 'ସାଂସଦ ଅପରାଜିତା ଷଡଙ୍ଗୀ ନିଖୋଜ' ବୋଲି ଭୁବନେଶ୍ୱରର କାନ୍ଥବାଡରେ ପୋଷ୍ଟର ମାରିଥିବା ବିଜେଡି ଏବେ ନିଜ ପାଇଁ ଖୋଳିଥିବା ଖାଲରେ ପଡିଛି। ଅପରାଜିତାଙ୍କ ସହ ଲଢ଼େଇ ପାଇଁ ବିଜେଡି ନିଜର ଆଗଧାଡିର ଯେଉଁ ମହିଳା ଚେହେରାଙ୍କୁ ମଇଦାନକୁ ଓହ୍ଲାଇଥିଲା ସେହି ଶ୍ରୀମୟୀ ମିଶ୍ର ଏବେ ନିଖୋଜ ଥିବା ଚର୍ଚ୍ଚା ହେଉଛି।




## ବେଙ୍ଗାଲୁରୁ କାଫେ ବ୍ଲାଷ୍ଟ: ୨ ଅଭିଯୁକ୍ତଙ୍କୁ ଧରିବାକୁ ୨୦ ଲକ୍ଷ ପୁରସ୍କାର ଘୋଷଣା






ଭୁବନେଶ୍ୱର,୨୯ ।୩ (ପି.ଏନ): ଅହାନାଁ ବେଙ୍ଗାଲୁରୁର ରାମେଶ୍ୱରମ କାଫେର ହୋଇଥିବା ବିସ୍ଫୋରଣ ଦୁଇ ମୁଖ୍ୟ ଖଳନାୟକଙ୍କୁ ଏଯାଏ ଧରିବାକୁ ସକ୍ଷମ ହୋଇନି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ। ଏବେ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଏନଆଇଏ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ଯଦି କେହି ଅଭିଯୁକ୍ତଙ୍କୁ ଧରାଇବାରେ ସହାୟତା କରିବେ, ତା'ହେଲେ ତାଙ୍କୁ ଟଙ୍କା ମିଳିବ।ଏନଆଇଏ ପୁରସ୍କାର ଘୋଷଣା କରିବା ସହ ଦୁଇ ସନ୍ଦିଗ୍ଧଙ୍କ ଫଟୋ ମଧ୍ୟ ଜାରି କରିଛି। ଅଭିଯୁକ୍ତ ମୁସାବୀର ହୁସେନ ଶାଜିବ କାଫେ ଭିତରେ ଆଇଇଡି ରଖିବା ସହ ବିସ୍ଫୋରଣ କରିଥିଲା। ସେହିପରି ଅବଦୁଲ ଅହମଦ ହେଉଛି ପୁରା ଘଟଣାର ଷଡଯନ୍ତ୍ରକାରୀ। ଉଭୟ ୨୦୨୦ର ଗୋଟିଏ ଆତଙ୍କବାଦ କାର୍ଯ୍ୟକଳାପରେ ମଧ୍ୟ ସାମିଲ ରହିଛନ୍ତି।

## ଭି.କେ ପାଣ୍ଡିଆନଙ୍କ ସୁରକ୍ଷାରେ ୭୪ ପୁଲିସ କର୍ମଚାରୀ !

ଭୁବନେଶ୍ୱର,୨୯ ।୩(ପି.ଏନ): ବିଜେଡି ନେତା ତଥା ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କ ସୁରକ୍ଷାରେ ୭୪ ପୁଲିସ କର୍ମଚାରୀ ମୁତୟନ ହେଉଛନ୍ତି। ଯେଉଁଥିରେ ୨ ସବ୍ ?ଇନ୍ସପେକ୍ଟର, ୧୨ ହାବିଲଦାର, ୫୬ କନଷ୍ଟେବଲ ବା ସିପାହୀ ଓ ୪ ମହିଳା କନଷ୍ଟେବଲ ରହିଛନ୍ତି। ଏଥିସହ ଗୋଟିଏ ଗାଡି ମଧ୍ୟ ଯୋଗାଇଛି ଗୃହ ବିଭାଗ। ସୂଚନା ଅଧିକାର ଆଇନ୍ ?ରେ ଚଳିତ ମାସ ଏହି ତଥ୍ୟ ଦେଇଛି କମିଶନରେଟ ପୁଲିସର ରିଜର୍ଭ ପୁଲିସ ଅଫିସ୍।ସୂଚନା ଅନୁସାରେ, ଏମାନଙ୍କ ବ୍ୟତୀତ ପାଣ୍ଡିଆନଙ୍କ ପାଇଁ ଜଣେ ପର୍ସନାଲ୍ ସିକ୍ୟୁରିଟି ଅଫିସର୍ ମଧ୍ୟ ନିଯୁକ୍ତ କରାଯାଇଛି। ତେବେ କେଉଁ ଆଧାରରେ ରାଜକୋଷର ଅପବ୍ୟୟ କରି ଏତେ ସଂଖ୍ୟକ ପୁଲିସ ଅଧିକାରୀଙ୍କୁ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି, ତାହା ପ୍ରଶ୍ନ ଉଠାଇବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛି ଓଡିଶା ସୂଚନା ଅଧିକାର ଅଭିଯାନ(ଓସା)।



## ଜଟଣୀରୁ ବିପୁଳ ପରିମାଣର ବିସ୍ଫୋରକ ଜବତ

ଭୁବନେଶ୍ୱର,୨୯ ।୩(ପି.ଏନ): ଜଟଣୀରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିବା ସୂଚନା ମିଳିଛି । ପୋଲିସ ୪୦ କିଲୋ ଓଜନର ବାରୁଦ ଜବତ କରିବା ସହ ବୋମା ପାଇଁ ବ୍ୟବହୃତ ଯନ୍ତ୍ରାଂଶ ମଧ୍ୟ ଜବତ କରିଥିବା ଜଣାପଡିଛି । ଜଟଣୀ ସହର ନୂଆଗାଁରେ ଥିବା ଗୋଦାମ ସିଲ୍ କରିବା ସହ ଗୋଦାମ ମାଲିକକୁ ଅଟକ ରଖିଛି ପୋଲିସ ।

## ନକ୍ସଲ ଖଞ୍ଜିଥିଲେ ବୋମା; ବିସ୍ଫୋରଣରେ ଆହତ ଯୁବକଙ୍କୁ ଜଙ୍ଗଲରେ ଚିକିତ୍ସା କରୁଥିଲେ ମାଓବାଦୀ

ମାଲକାନଗିରି,୨୯ ।୩(ପି.ଏନ): ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରୁ ନକ୍ସଲଙ୍କ ଆଉ ଏକ ହିଂସାତ୍ମକ ଘଟଣା ପଦାକୁ ଆସିଛି। ଜଂଗଲରେ ସ୍ଥାନେସ୍ଥାନେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ପ୍ରେସର ବୋମା ଖଞ୍ଜିଥିବା ବେଳେ ଏହାର ଶିକାର ହୋଇଛନ୍ତି ଜଣେ ଯୁବକ। ଗୁରୁତର ବ୍ୟକ୍ତି ହେଲେ ଗୁଡ୍ଡୁ ଲେକାମ (୧୯)।

## ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାଗହଣା ଲୁଟିଲେ ଦୁର୍ବୃତ୍ତ

ଆନନ୍ଦପୁର,୨୯ ।୩(ପି.ଏନ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ମାତିଲେ ଲୁଟେରା। ବୀରଗୋବିନ୍ଦପୁର ନିକଟରେ ସ୍ପଷ୍ଟ ଦିବାଲୋକରେ ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାଗହଣା ଲୁଟି ନେଇଛନ୍ତି।

## ଅଫିସରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଲେ ପ୍ରଦୀପ

ଭୁବନେଶ୍ୱର,୨୯ ।୩(ପି.ଏନ): ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଉ ହେଉ ସରକାରୀ ଅଫିସରଙ୍କ ବିରୋଧରେ ଆସିଲାଣି ଅଭିଯୋଗ। କେଉଁଠି ଡରାଉଛନ୍ତି ତ ଆଉ କେଉଁଠି ଧମକାଉଛନ୍ତି। ଭୟର ବାତାବରଣ ସୃଷ୍ଟି କରି ସାରା ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରିଛନ୍ତି ନିର୍ବାଚନ ପାଇଁ ପକ୍ଷପାତ ପ୍ରକ୍ରିୟା। ପ୍ରଚାର କାର୍ଯ୍ୟକ୍ରମ ମଞ୍ଚ ଉପରୁ ଏଭଳି ଅଭିଯୋଗ ଆଣିଛନ୍ତି ବ୍ରହ୍ମପୁର ବିଜେପି ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ।ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, କେତେକ ପ୍ରଭାବଶାଳୀ ସରକାରୀ ବାବୁ ସରକାରୀ ଦଳର କର୍ମୀ ସାଜିଛନ୍ତି। ଜଣେ ତତ୍କାଳୀନ ଆଇଜି ନେତା ଓ କର୍ମୀଙ୍କୁ ଧମକ ଦେଉଛନ୍ତି। ବିରୋଧୀ ଦଳର ନେତା, କର୍ମୀ ଓ ଠିକାଦାରମାନଙ୍କୁ ବିଜେଡିରେ ରହିବା ପାଇଁ ଧମକ ଚମକ ଦେଉଛନ୍ତି। ଜିଲ୍ଲାର କିଛି ପୁରୁଖା ଅଫିସର ନିର୍ବାଚନ ବେଳେ ଏଠି ପୋଷ୍ଟିଂ ହୁଅନ୍ତି, ଦଳ ପାଇଁ କାମ କରନ୍ତି। ଆଉ ନିର୍ବାଚନ ପରେ ଅନ୍ୟତ୍ର ବଦଳି ହୋଇଯାଆନ୍ତି। ପ୍ରଦୀପ ପାଣିଗ୍ରାହୀଙ୍କ ସହ କଂଗ୍ରେସ ମଧ୍ୟ ସ୍ୱର ମିଶାଇ ସମାନ ଅଭିଯୋଗ ଆଣିଛି। ତେବେ ଏନେଇ ପୁଲିସ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ବିଜେଡି ଅଭିଯୋଗକୁ ଖଣ୍ଡନ କରିବା ସହ କହିଛି, ଯଦି ସେଭଳି କିଛି ଅଭିଯୋଗ ଅଛି, ନିର୍ବାଚନ କମିଶନରଙ୍କୁ ଜଣାନ୍ତୁ।



## ବିଜେପିରୁ ବିଦାୟ ନେଲେ ପ୍ରକାଶ ବେହେରା: ମନମୋହନଙ୍କୁ ଦେଲେ ଇସ୍ତଫା

କଟକ,୨୯ ।୩(ପି.ଏନ): ନିର୍ବାଚନ ପୂର୍ବରୁ ବର୍ତ୍ତମାନ ରାଜନୀତିରେ ନେତାଙ୍କ ଦଳ ପରିବର୍ତ୍ତନ ଜାରି ରହିଛି । ଏହି ତାଲିକାରେ ଏବେ ସାମିଲ ହୋଇଛନ୍ତି ବିଜେପି ନେତା ପ୍ରକାଶ ବେହେରା । ଭାରତୀୟ ଜନତା ପାର୍ଟିର କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ପାର୍ଟିରୁ ବିଦାୟ ନେଇଛନ୍ତି । ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି ।

## ୪୦ ଡିଗ୍ରୀ ଛୁଇଁଲା ରାଜ୍ୟର ୫ ଜିଲ୍ଲାର ତାତି

ଭୁବନେଶ୍ୱର,୨୯ ।୩(ପି.ଏନ): ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡିଗ୍ରୀ ଛୁଇଁଲା ତାତି। ଟିଟିଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକାର ତାପମାତ୍ରା ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

## ଆୟକର ନୋଟିସ ପରେ ଆସିଲା ରାହୁଲ ଗାନ୍ଧିଙ୍କ 'ଗ୍ୟାରେଣ୍ଟି'

ନୂଆଦିଲ୍ଲୀ,୨୯ ।୩(ପି.ଏନ): ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସକୁ ଆୟକର ବିଭାଗ ପୁଣି ୧୮୨୩ କୋଟି ଟଙ୍କାର ନୋଟିସ ପଠାଇଛି। ଏହି ନୋଟିସ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ବିଜେପି ଉପରେ ଜୋରଦାର ହମଲା କରିଛନ୍ତି।ବିଜେପି ମୋଦି କି ଗ୍ୟାରେଣ୍ଟୀ ନାରା ଦେଇ ପ୍ରଚାର କରୁଥିବା ବେଳେ ଏବେ ରାହୁଲ ଗାନ୍ଧିଙ୍କ ଗ୍ୟାରେଣ୍ଟୀ ସାମ୍ନାକୁ ଆସିଛି। ଯେତେବେଳେ କଂଗ୍ରେସ ସରକାର କ୍ଷମତାକୁ ଫେରିବ, ସେତେବେଳେ ଗଣତନ୍ତ୍ରର ଧଜିଆ ଉଡାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାହୁଲ କହିଛନ୍ତି।ସେ ଏକ୍ସରେ ଗୋଟିଏ ପୋଷ୍ଟ କରି କହିଛନ୍ତି, "ଯେବେ ସରକାର ବଦଳିଯିବ ସେତେବେଳେ ଗଣତନ୍ତ୍ରର ଚରିତ୍ର ହରଣ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯେମିତି ହେଲେ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ଏମିତି ଗ୍ରହଣ କରାଯିବ ଯେମିତି ଆଗକୁ କେହି ବି ଏପରି କାମ କରିବାକୁ ସାହାସ କରିବେ ନାହିଁ। ଏହା ମୋର ଦେଶବାସୀଙ୍କୁ ଗ୍ୟାରେଣ୍ଟୀ।" ସେ ଏହି ପୋଷ୍ଟ ସହ ବିଜେପି ଟିକସ ଆତଙ୍କବାଦ କରୁଥିବା ମଧ୍ୟ ହ୍ୟାଶଟ୍ୟାଗ ବ୍ୟବହାର କରିଛନ୍ତି।



## ରଣପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ



ରଣପୁର,୨୯ ।୩(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଆମର ପ୍ରିୟ ନେତା ଶରତ ପଟ୍ଟନାୟକ ରାଜ୍ୟ ବାସୀଙ୍କ ପାଇଁ କଂଗ୍ରେସ ର ଦଶ ଦଫା ଗ୍ୟାରେଣ୍ଟି କାର୍ଡ କୁ ନୟାଗଡ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଉନ୍ମୋଚନ କରିଛନ୍ତି କ୍ଷ ନୟାଗଡ ଜିଲ୍ଲା ବାସୀ ଙ୍କ ପାଇଁ ନୟାଗଡ ରେ ନୂଆ ଚିନିକଳ ସ୍ଥାପନା, ଦଶପଲ୍ଲା ରେ ଅତ୍ୟାଧୁନିକ କାଗଜ କାରଖାନା, ରଣପୁର କୁ ରାଜସ୍ୱ ସବ ଡିଭିଜନ ଏବଂ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ କୁ ସୁପର ସ୍ପ?ଶାଲିଟି ହସ୍ପିଟାଲ ମାନ୍ୟତା ଗ୍ୟାରେଣ୍ଟି ଏବଂ ରାଜସୁନାଖଳା, ଚାନ୍ଦପୁର କୁ ଏନଏସି ମାନ୍ୟତା ଗ୍ୟାରେଣ୍ଟି, ଭେଟବର ସମେତ ସମସ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପୁନଃରୁଦ୍ଧାର କରିବା ପାଇଁ ରଣପୁର ବାସୀ ଙ୍କୁ କଂଗ୍ରେସ ଦଳ ଗ୍ୟାରେଣ୍ଟି ଦେଉଛି କ୍ଷ ରାଜ୍ୟ ବାସୀଙ୍କୁ କଂଗ୍ରେସ ଦଳର ୧୦ ଗ୍ୟାରେଣ୍ଟି ମଧ୍ୟରେ ୧. ଗୃହ ଜ୍ୟୋତି ଯୋଜନା ରେ ରାଜ୍ୟର ପ୍ରତ୍ୟେକ ଘରୋଇ ବିଦ୍ୟୁତ ଉପୋଭୋକ୍ତା ଙ୍କ ପାଇଁ ୨୦୦ ୟୁନିଟ ବିଜୁଳି ଦେୟ ଛାଡ଼, ୨. ଯୁବବିକାଶ ଯୋଜନା ରେ ରାଜ୍ୟର ୫ ଲକ୍ଷ ଯୁବକ ଯୁବତୀ ଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହିତ ମାସିକ ୩୦୦୦ ଟଙ୍କା ବେକାରୀ ଭତ୍ତା, ୩. କୃଷକ ବନ୍ଧୁ ଯୋଜନା ରେ ବୋନସ ସହିତ ଧାନ ର ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷକ ମାନଙ୍କ ପାଇଁ ମାସିକ ୨୦୦୦ ଟଙ୍କା ପେନସନ ଏବଂ କୃଷି ଋଣ ଛାଡ଼, ୪. ଗୃହଲକ୍ଷ୍ମୀ ଯୋଜନା ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ୨୦୦୦ ଟଙ୍କା, ଆଦିବାସୀ-ଦଳିତ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ଏବଂ ମାସକୁ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର, ୫. ଜନକଲ୍ୟାଣ ଯୋଜନା ରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମାଧ୍ୟମ ରେ ମାଗଣା ଚିକିତ୍ସା ବ୍ୟବସ୍ଥା, ୬.ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମାସିକ ୨୦୦୦ ଟଙ୍କା, ୭.ଚିଟଫଣ୍ଡ ପ୍ରଭାବିତ ଜମାକାରୀ ମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ୮.ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭%ସ୍ଥାନ ସଂରକ୍ଷଣ ବ୍ୟବସ୍ଥା, ୯. ଆଦିବାସୀ ଓ ଦଳିତ ବର୍ଗଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ୧୦. ୧୦୦ଦିନ ମଧ୍ୟରେ ପେସା ଆଇନ କୁ କଡାକଡି ଭାବେ ଲାଗୁ କରାଯିବା ପାଇଁ କଂଗ୍ରେସ ସଂକଳ୍ପବଦ୍ଧ କ୍ଷ ରଣପୁର ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ପାଇକେରା ଙ୍କ ସଂଯୋଜନା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ବରିଷ୍ଠ ନେତା ହୁସେନ ଖାନ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ସତ୍ୟବ୍ରତ ନାୟକ, ସତ୍ୟରଞ୍ଜନ ମତ୍ତା, ନଗର କଂଗ୍ରେସ ସଭାପତି,ଯୁବ ନେତା ବିଭୂପ୍ରସାଦ ମିଶ୍ର ,ଡିସିସି ଉପସଭାପତି ସୁରେନ୍ଦ୍ର ନାଥ କଳସ , ବରିଷ୍ଠ ନେତା ସୁକାନ୍ତ ସେନାପତି, ପ୍ରକାଶ ଚନ୍ଦ୍ର ନାୟକ,ଜୋନ ସଭାପତି ସାରଦା ପ୍ରସାଦ ସୁବୁଦ୍ଧି, ଅନିଲ ପରିଡା, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ରାଉତ ପ୍ରମୁଖ ଗ୍ୟାରେଣ୍ଟି କାର୍ଡ ଅନୁଷ୍ଠାନିକ ଉନ୍ମୋଚନ କରିଥିଲେ କ୍ଷ ରଣପୁର ବ୍ଲକ କଂଗ୍ରେସ ପ୍ରଣତି ନାୟକ ଧନ୍ୟବାଦ ଅର୍ପଣ କରିଥିଲ

## ବିଜେଡ଼ିରୁ ଟିକେଟ ପାଇବେନି ଏହି ନେତା ? ଦଳର ତୁଙ୍ଗ ନେତାଙ୍କୁ ଘାରିଛି ପଦ ହରାଇବା ଭୟ

ଭୁବନେଶ୍ୱର,୨୯ ।୩(ପି.ଏନ): ଆଗାମୀ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ତେବେ ସବୁଠୁ ରୋମାଞ୍ଚକର ହେଉଛି ଓଡିଶା ରାଜନୀତି । ରାଜ୍ୟରେ ଶାସକ ଦଳ ବିଜେପି-ବିଜେଡି ମେଣ୍ଟ ଭାଙ୍ଗିବା ପରେ ଉଭୟ ଏକାକୀ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ନିର୍ବାଚନରେ ବିଜେପି ବଡ ବଡ ନେତାଙ୍କୁ ମଇଦାନରେ ଓହ୍ଲାଇଥିବା ବେଳେ ରାଜନୀତିର ପଶା ପାଲିରେ ବାଛି ବାଛି ଗୋଟି ଚଳାଉଛି ବିଜୁ ଜନତା ଦଳ । କିନ୍ତୁ ଦଳର କିଛି ରାଜନେତାଙ୍କ ମନରେ ଏବେ ଭୟ ଦେଖାଦେଇଛି । ନିର୍ବାଚନରେ ଟିକେଟ ନ ମିଳିବା ଭୟରେ ଘାରି ହେଉଛନ୍ତି ବିଜେଡିର ୭୨ ଜଣ ତୁଙ୍ଗ ନେତା ।ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ ୨ଟି ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରିଛି । ତେବେ ବିଜେଡି ସୁପ୍ରିମୋଙ୍କ ଏହି ଘୋଷଣା ପରେ ୩୫ ଜଣ ବିଧାୟକଙ୍କ ନାମ କଟିପାରେ କୁହାଯାଉଛି । ୩୫ ଜଣ ବିଧାୟକଙ୍କୁ ନିର୍ବାଚନ ପାଇଁ ଟିକେଟ ମିଳିବ ନାହିଁ ବୋଲି ଚର୍ଚ୍ଚା ହେଉଛି । ସେମାନଙ୍କ ସ୍ଥାନରେ କିଛି ନୂଆ ମୁହଁ ଦେଖିବାକୁ ମିଳିବ । ବିଜେଡି ଘୋଷଣା କରିଥିବା ୭୨ଟି ଆସନ ମଧ୍ୟରୁ ୬୨ ଆସନନରେ ପୂର୍ବରୁ ଦଳର ଦବଦବା ରହିଛି । ଗତ ନିର୍ବାଚନରେ ଏହି ୬୨ଟି ସ୍ଥାନରୁ ବିଜେଡି ବିଜୟ ହାସଲ କରିସାରିଛି । ଏହାସହିତ ଘୋଷଣା ହୋଇ ନଥିବା ବଳକା ୭୫ ଆସନରୁ ମଧ୍ୟ ବିଜେଡି ୬୨ ଟିରେ ବିଜୟ ହାସଲ କରିଛି । ତେଣୁ ସେହି ୬୨ ବିଧାୟକଙ୍କ ପାଇଁ ଏବେ ଚିନ୍ତା ବ?ଯାଇଛି । ନିର୍ବାଚନ ପାଇଁ ଦଳ ସେମାନଙ୍କ ଉପରେ ଭରସା କରିବ କି ନାହିଁ, ସେ ନେଇ ଦୋଛକିରେ ପଡି ଯାଇଛନ୍ତି ଦଳର ତୁଙ୍ଗ ନେତା । ତେବେ ସୂତ୍ରରୁ ଜଣାପଡୁଛି ବିଜେଡି ଏଥର ନିର୍ବାଚନରୁ ୩୫ ଜଣ ବିଧାୟକଙ୍କୁ ବାଦ୍ ଦେଇପାରେ । ଏହି ସ୍ଥାନରୁ କିଛି ନୂଆ ଚେହେରା ନିର୍ବାଚନୀ ମଇଦାନକୁ ଓହ୍ଲାଇପାରନ୍ତି । ତେବେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ଏଥିରେ ୧୫ ଜଣଙ୍କୁ ଲୋକସଭା ଟିକେଟ ଦିଆଯାଇଛି । ସମ୍ବଲପୁର, ଭୁବନେଶ୍ୱର, କେନ୍ଦ୍ରାପଡା ଭଳି ଚର୍ଚ୍ଚିତ ଆସନରେ ବିଜେଡି ତା'ର ପ୍ରାର୍ଥୀଙ୍କୁ ପ୍ରସ୍ତୁତ କରିଛି। ସମ୍ବଲପୁର, ଭୁବନେଶ୍ୱର, କେନ୍ଦ୍ରାପଡ଼ା ସହିତ ସୁନ୍ଦରଗଡ଼, କଳାହାଣ୍ଡି, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ ଏବଂ ଆସିକା ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲା । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଏହାବ୍ୟତୀତ ପୁରୀ, କଟକ, କନ୍ଧମାଳ, ଯାଜପୁର, ଢେଙ୍କାନାଳ, ଜଗତସିଂହପୁର ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା ହୋଇଯାଇଛି ।

## ମାଲକାନଗିରିରେ ବିପୁଳ ସମ୍ବର୍ଦ୍ଧନା ସହ ନିର୍ବାଚନ ପ୍ରଚାର ଆରମ୍ଭ କଲେ ବିଜେପି ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝି

ମାଲକାନଗିରି,୨୯ ।୩(ପି.ଏନ): ନବରଂଗପୁର ବିଜେପି ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝି ମାଲକାନଗିରିରେ ଶୁକ୍ରବାର ସନ୍ଧ୍ୟାରେ ପହଞ୍ଚିଥିଲେ। ଜିଲ୍ଲା ବିଜେପି ତରଫରୁ ତାଂକୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୁବାଷ ବୋଷ ଛକ ନିକଟରେ ଶତାଧିକ ବିଜେପି କର୍ମୀ ତାକୁ ପାଛୋଟି ଜିଲ୍ଲା ବିଜେପି କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସାମ୍ବାଦିକଙ୍କୁ ବିବୃତ୍ତି ଦେଇ ଶ୍ରୀ ମାଝି କହିଥିଲେ ଯେ ନବରଂଗପୁର ସାଂସଦ କ୍ଷେତ୍ରରେ ଆଜି ବି ଲୋକେ ଦୟନୀୟ ଜୀବନଯାପନ କରୁଛନ୍ତି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୩୦

# ପୂଜା



ଅନୀତା ପଟ୍ଟନାୟକ

ନିର୍ମଳ ତାର ବାପା ମାଆଙ୍କ ସହିତ ମନ୍ଦିରକୁ ଯାଏ। ନିୟମିତ ସ୍କୁଲ ପାଠ୍ୟକ୍ରମ କରିବା, ବାପା ମାଆଙ୍କୁ ସମ୍ମାନ ଦେବା, ସହପାଠୀ ମାନଙ୍କୁ ଭଲ ପାଇବା, ଗୁରୁଙ୍କ ନିକଟରେ ପ୍ରଣିପାତ ହେବା ତାର ସହଜାତ ଗୁଣ ଥିଲା। ତାର ଏପରି ପ୍ରେମପୂର୍ଣ୍ଣ ବ୍ୟବହାର ପାଇଁ ପିତାମାତା, ଶିକ୍ଷକ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିଲା।

ଦିନେ ବାପା ମାଆଙ୍କ ସହ ମନ୍ଦିରକୁ ଯାଇଥିବା ସମୟରେ ମନ୍ଦିରରେ ଝୁଲୁଥିବା ଘଣ୍ଟିକୁ ତାର ବାପା ମାଆ ଉପସ୍ଥିତ ଶିବଭକ୍ତମାନେ ବଜାଉଥିଲେ। ଜଣେ ଡେଙ୍ଗାଲୋକ ନିର୍ମଳକୁ ଦୁଇ ହାତରେ ଉଠାଇ ଦେବାରୁ ସେ ମଧ୍ୟ ଯନ୍ତ୍ରଚାଳିତ ପରି ଘଣ୍ଟିକୁ ବଜାଇ ଦେଲା। ଘରକୁ ଫେରୁଥିବାବେଳେ ସେ ବାପାଙ୍କୁ ପଚାରିଲା ବାପା ମନ୍ଦିରକୁ ଗଲେ ଝୁଲୁଥିବା ଘଣ୍ଟିକୁ ବାଡ଼ାଯାଏ କାହିଁକି ? ମାଆ ଉତ୍ତରରେ କହିଲେ ଘଣ୍ଟିର ଶବ୍ଦରୁ ଓଁ ଉଚ୍ଚାରିତ ହୋଇଥାଏ ଯାହାକି ପ୍ରଣବ ମନ୍ତ୍ର। ବାପା କହିଲେ, ରତ୍ନବେଦୀ ଉପରେ ବସିଥିବା ଦେବତାଙ୍କ ଦୃଷ୍ଟିକୁ ଆଗତ କରିବା ଓ ଆକର୍ଷଣ କରିବା ପାଇଁ ଘଣ୍ଟି ବଜା ଯାଇଥାଏ। ବାପା ଏହା ମଧ୍ୟ କହିଲେ ଖାଲି ଘଣ୍ଟି ବାଡ଼େଇଲେ ହେବନାହିଁ। ମନ୍ଦିର ପୂଜକ ନିକଟରେ ମଧ୍ୟ ଗୋଟିଏ ଘଣ୍ଟିଥାଏ। ଯାହାଙ୍କ ସେ ଭୋଗ କରୁଥିବା ସମୟରେ ଆରତୀ କରୁଥିବା ସମୟରେ ବଜାଏ। ମୁଖ୍ୟ କଥା ହେଉଛି ଦେବତାଙ୍କର ଦୃଷ୍ଟି ଆକର୍ଷଣ ପାଇଁ ଘଣ୍ଟା ଶବ୍ଦ ସହ ସହୃଦୟ ପ୍ରାର୍ଥନା ମଧ୍ୟ ଆବଶ୍ୟକ ହୋଇଥାଏ। ନିର୍ମଳ କହିଲା ହଁ ବାପା, ଆମର ଶିକ୍ଷକ କହୁଥିଲେ ଯନ୍ତ୍ରବତ, ମନ୍ତ୍ର ଉଚ୍ଚାରଣ, ଶୁଷ୍କ ନୀତି ନିୟମ ପାଳନ ଓ ନିରର୍ଥକ ଯନ୍ତ୍ରବତ କର୍ମ ସାଧନା ନୁହେଁ। ତାପରେ ନିର୍ମଳ ପଚାରିଲା ବାପା, ଯଦି ଏପରି କଥା ତେବେ ତ୍ରିଶାଖା ଥିବା ବେଲପତ୍ର ମହାଦେବଙ୍କୁ କାହିଁକି ଦିଆଯାଏ ? ମାଆ କହିଲେ ଶାସ୍ତ୍ରରେ କୁହାଯାଇଛି 'ତ୍ରିଦଳଂ ତ୍ରିଗୁଣାକାରଂ ତ୍ରିନେତ୍ରଂ ଚତ୍ରୟାୟୁଦ୍ଧମ। ତ୍ରିଜନ୍ମ ପାପ ସଂହାରଂ ଏକ ବିଲ୍ୱଂ ଶିବାର୍ପଣମ୍।।' ଭକ୍ତି ଓ ବିଶ୍ୱାସର ସହିତ ଏକ ତ୍ରିଶାଖା ବିଶିଷ୍ଟ ବିଲ୍ୱପତ୍ରଟିଏ ଶିବଙ୍କୁ ଅର୍ପଣ କଲେ ତିନି ଜନ୍ମରୁ ସେ ମୁକ୍ତି ଦେଇଥାନ୍ତି ବୋଲି ଶାସ୍ତ୍ରରେ କୁହାଯାଇଛି। ନିର୍ମଳର କୌତୁହଳ ବଢ଼ିଗଲା। କହିଲା ଶିବଲିଙ୍ଗ ଉପରେ ଗୋଟିଏ ପିତଳ ହାଣ୍ଡି ଝୁଲାଯାଇ ସେଥିରେ ଯେଉଁ କଣାଟିଏ ଥାଏ ତା ଦେହରେ କୁଟା ଦିଆଯାଇଥାଏ ଓ ହାଣ୍ଡିରେ ପାଣି ଦିଆଯାଇଥାଏ ସେ ହାଣ୍ଡିରୁ ଟୋପାଏ ଟୋପାଏ ପାଣି ଶିବଲିଙ୍ଗ ଉପରେ ପଡୁଥାଏ କାହିଁକି ? ବାପା ଏହାର ଉତ୍ତର ରଖି କହିଲେ, ଏହାର ଅର୍ଥ ମାମ ଏକଂ। ଏହାର ଅର୍ଥ ମୋ ଠାରେ, କେବଳ ଜଣକ ଠାରେ ନିଜକୁ ସମର୍ପଣ କରିଦିଅ। ମାଆ ବୁଝାଇବାକୁ ଯାଇ କହିଲେ ଯେପରି ପିତଳହାଣ୍ଡିରୁ ଟୋପାଏ ଟୋପାଏ ଜଳ ଖସି ପଡୁଛି ସେହିପରି ସମୟ ଚକ୍ରରେ ମନୁଷ୍ୟର ବଞ୍ଚି ରହିବାର ସମୟ ସୀମା ସରି ସରି ଯାଉଛି। ଏହି ସୂଚନା ପିତଳ ହାଣ୍ଡିଟି ପ୍ରତିପାଦନ କରୁଛି। ନିର୍ମଳ କହିଲା ଗୋଟିଏ ପିତଳ ଡ଼ାଲରେ କଳସୀ କାହିଁକି ବସାଯାଇଛି ? ବାପା କହିଲେ, ଏହା ଏକ ପ୍ରତୀକ ସଦୃଶ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ କଳସର ମୁଖରେ ବିଷ୍ଣୁ ଓ କଣ୍ଠରେ ରୁଦ୍ର ବା ଶିବ ଓ ମୂଳରେ ବ୍ରହ୍ମା ଥାଆନ୍ତି ଓ ତା ଭିତରେ ସପ୍ତ ସାଗରର ଜଳ ଥାଏ ଓ ଚାରିବେଦ ମଧ୍ୟ ଅବସ୍ଥାପିତ ହୋଇଥାନ୍ତି। ନିର୍ମଳ ଏଥର ମାଆଙ୍କୁ ପଚାରିଲା ଠାକୁରଙ୍କ ନିକଟରେ ଧୂପକାଠି କାହିଁକି ଜଳାଯାଏ ? ବାପା କହିଲେ ଧୂପକାଠି ଯେପରି ନିଜେ ଜଳି ଅନ୍ୟକୁ ସୁଗନ୍ଧ ପ୍ରଦାନ କରେ ମଣିଷ ସେହିପରି ନିଜର ଜୀବନ ଧୀରେ ଧୀରେ ସରି ଯାଉଥିବାରୁ ନିଜର ଚାଲିଚଳନ, ଆଚାର, ବ୍ୟବହାର ଦ୍ୱାରା ଅନ୍ୟକୁ ସୁଗନ୍ଧ ପ୍ରଦାନ କରିବା ଉଚିତ। ଖାଲି ବଡ଼ ପଣ ଦେଖାଇ କି ଲାଭ ? ସମୁଦ୍ରର ଜଳ ରାଶି କି ସେବା କରୁଛି ? ଶୋଷ ମଧ୍ୟ ନିବାରଣ କରିପାରୁନାହିଁ। ସମୁଦ୍ର ପାଣିରେ ବୋତଲେ ମହୁ ଘାଣ୍ଟି ଦେଲେ ତାହା ମିଠା ହୋଇଯିବ କି ? ନିର୍ମଳ ପଚାରିଲା ବାପା, କର୍ପୂର ଆଳତୀ କାହିଁକି କରାଯାଏ ? ବାପା କହିଲେ କର୍ପୂର ଯେପରି ଜଳି ନିଃଶେଷ ହୋଇଯାଏ ଓ ଆଳତୀ ଦାନୀରେ କିଛି ରହେନାହିଁ, ଆମର ସମର୍ପଣ ଭାବ ସେପରି ହେବା ଉଚିତ। ନିର୍ମଳ ପଚାରିଲା ଦୀପ କାହିଁକି ମନ୍ଦିରରେ ଜଳାଯାଏ ? ମାଆ କହିଲେ ଦୀପ ହେଉଛନ୍ତି ପରଂବ୍ରହ୍ମ ସଦୃଶ। ସେ ହିଁ ଜନାର୍ଦ୍ଦନ। ଦୀପ ସମସ୍ତ ପାପ ହରଣ କରିଥାଏ ଏବଂ ଦୀପକୁ ସରସ୍ୱତୀ ବା ଜ୍ଞାନାଲୋକ ସହ ତୁଳନା କରାଯାଇଛି। ଏପରି କଥୋପକଥନ ଚାଲିଥିବା ବେଳେ ନିର୍ମଳ ତାର ପିତା ମାତାଙ୍କ ସହ ଘରେ ପହଞ୍ଚି ଯାଇଥିଲା ସେ ନିଜେ ବି ଜାଣି ପାରିନଥିଲା ବାପା ମାଆଙ୍କ କଥାରେ ଉଦବୁଦ୍ଧ ହୋଇ ସେ ଭାଗବତ, ଗୀତା, ରାମାୟଣ, ମହାଭାରତ ଓ ମହାପୁରୁଷ ମାନଙ୍କ ଜୀବନୀ ପଢ଼ିବାକୁ ଆଗ୍ରହ ପ୍ରକାଶ କଲା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ସନଡାଉନିଙ୍ଗ ସିଣ୍ଡ୍ରୋମ



ଡାକ୍ତର ସମ୍ରାଟ କର

ବହୁଦିନ ପରେ ଭେଟ ହୋଇଥିଲେ ସାଙ୍ଗ ସୁଜିତ। ଅନେକ ଦିନ ପରେ ପିଲାଦିନର ସାଙ୍ଗଙ୍କୁ ଭେଟିଲା ପରେ ମୋତେ ବହୁତ ଖୁସି ଲାଗିଥିଲା। ତାଙ୍କ ସହିତ ଆସିଥିବା ତାଙ୍କର ଜଣେ ବନ୍ଧୁ ନିରୋଦ ସହ ଆମେ ତିନିଜଣ ସାନ୍ଧ୍ୟ ଭ୍ରମଣ ପାଇଁ ବାହାରିବାର ମୁଁ ପ୍ରସ୍ତାବ ଦେଲି। ତେବେ ନିରୋଦ ଯିବନାହିଁ ବୋଲି ମୁଁ ଜାଣିବାରୁ ମୋର ଉତ୍ସୁକତା ବଢ଼ିଗଲା। ମୁଁ ସବୁ ପଚାରିବାରୁ ସୁଜିତ ମୋତେ କହିଲା ସନ୍ଧ୍ୟା ସମୟରେ ସେ ପ୍ରାୟତଃ କୁଆଡ଼େ ବାହାରକୁ ଯାଏନାହିଁ। କାରଣ ଏହି ସମୟରେ ତାର ଏକ ପ୍ରକାର ମାନସିକ ଅସନ୍ତୁଳନ ଦେଖାଯାଏ ଓ ସେ ଟିକେ ଚିଡ଼ଚିଡ଼ା ହୋଇଯାଏ। ମୁଁ ତାଙ୍କୁ କହିଲି ମୁଁ ଜଣେ ମାନସିକ ରୋଗ ବିଶେଷଜ୍ଞ ଭାବେ ଭଲ ଭାବେ ଜାଣିଛି ଏହା ଏକ ପ୍ରକାର ମାନସିକ ସମସ୍ୟା। ସନ୍ଧ୍ୟା ହେଉଛି ଏମିତି ଏକ ସମୟ ଯେଉଁଥିରେ ଲୋକମାନେ ନିଜ ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇଥାନ୍ତି। ବିଶେଷ ଭାବେ ଆଲଜାଇମର ଏବଂ ଡିମେନସିଆରେ ପୀଡ଼ିତ ବ୍ୟକ୍ତିଙ୍କ ଠାରେ ଶାରୀରିକ ଓ ଭାବନାତ୍ମକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଥାଏ। ସନ୍ଧ୍ୟା ସମୟରେ ଏଭଳି ସମସ୍ୟା ଦେଖାଯାଉଥିବାରୁ ଏହାକୁ ସନଡାଉନ ସିଣ୍ଡ୍ରୋମ ବୋଲି କୁହାଯାଏ। ମନୋଚିକିତ୍ସକମାନେ କହିଛନ୍ତି ଯେ, ସନଡାଉନିଙ୍ଗ ଶବ୍ଦ ଦ୍ୱିପ୍ରହରରୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ବ୍ୟକ୍ତିର ଭ୍ରମାତ୍ମକ ସ୍ଥିତିକୁ ଦର୍ଶାଇଥାଏ। ଏହି ସମୟ ଭିତରେ ବ୍ୟକ୍ତିଠାରେ ଚିନ୍ତା, ଭ୍ରମାତ୍ମକ ଚିନ୍ତାଧାରା, ଆକ୍ରାମକତା, ଦ୍ୱନ୍ଦ୍ୱ ଆଦି ସ୍ଥିତି ଦେଖାଯାଇଥାଏ, ଯାହାକୁ ନେଇ ସେମାନେ ଅବସାଦଗ୍ରସ୍ତ ରହିଥାନ୍ତି। ସନଡାଉନିଙ୍ଗ ସିଣ୍ଡ୍ରୋମ ହେଉଛି ଏକ ନ୍ୟୁରୋଲୋଜିକାଲ ଡିଜଅର୍ଡ଼ର। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ଚିକିତ୍ସା ପ୍ରଣାଳୀ ନଥିଲେ ମଧ୍ୟ ଏହାର ଲକ୍ଷଣଗୁଡ଼ିକୁ ଜାଣିବା ପାଇଁ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଆସୁଛି। ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏହାର ପ୍ରକୃତ କାରଣ ଜାଣିବାକୁ ଚାହୁଁଛନ୍ତି। ଏହି ସମସ୍ୟାର ସମ୍ପର୍କ ରୋଗୀର ସର୍କେଡିୟନ ରିଦିମ ସହିତ ରହିଛି ଏକ ପ୍ରକାର ଶାରୀରିକ, ମାନସିକ ଓ ବ୍ୟବହାରିକ ପରିବର୍ତ୍ତନ, ଯାହାକୁ ଗୋଟିଏ ଦିନ ବା ୨୪ ଘଣ୍ଟା ଚକ୍ର ପରେ ଆକଳନ କରାଯାଏ। ସୂର୍ଯ୍ୟାସ୍ତ ଯୋଗୁଁ ମନ ଉପରେ ଯେଉଁ ନକାରାତ୍ମକ ପ୍ରଭାବ ପଡ଼େ ତାହାର ଚିକିତ୍ସା ପାଇଁ କେତେକ ଔଷଧ ରହିଛି। ଏହି ସମସ୍ୟା ନେଇ ରୋଗୀଟିର ପାଖ ଲୋକମାନଙ୍କର ସେପରି ଭୟଭୀତ ହେବାର କାରଣ ନାହିଁ। କାରଣ ଏହା ଏକ ଗୁରୁତର ମାନସିକ ରୋଗ ସମସ୍ୟା ନୁହେଁ। ତେବେ ଏ କ୍ଷେତ୍ରରେ ଘର ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ରୋଗୀଟି ସହ ଭଲ ଭାବେ ମିଶିବା ସହ ତାଙ୍କ ସହ ଅନାବଶ୍ୟକ କଥା ନଗପି ତାଙ୍କ ସହିତ ବେଶ ଭଲ ସକରାତ୍ମକ କଥାବାର୍ତ୍ତା ହୁଅନ୍ତୁ। ଲୋକଟି ଯେପରି ସୁଷମ ଖାଦ୍ୟ, ସବୁଜ ପନିପରିବା ଓ ତଟକା ଫଳ ଖାଇବାକୁ ପାଇବ ସେ ଦିଗକୁ ଦେଖନ୍ତୁ। ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ। ଅଧିକ ସମସ୍ୟା କିଛି ଦେଖାଦେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ଲୋକେ ସବୁ ଜାଣୁଛନ୍ତି



ଗୋପାଳ ମହାପାତ୍ର

ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ସବୁ ରାଜନୈତିକ ଦଳ ପାଇଁ ୨୦୨୪ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଛି। ଏଥିପାଇଁ ଏଥରର ନିର୍ବାଚନ ସାମ-ଦାମ-ଦଣ୍ଡ-ଭେଦ ଦ୍ୱାରା ଏପାରି ନହେଲେ ସେ ପାରିର ଲଢେଇ ଉପରେ ଆଧାରିତ ହେବ । କିଏ ଜିତିବ ଏବଂ କେନ୍ଦ୍ରରେ ସରକାର ଗଠନ କରିବ ସେ ସମ୍ପର୍କରେ ଏବେଠାରୁ କିଛି କହି ହେବ ନାହିଁ। ଏ ସମ୍ପର୍କରେ ମାତ୍ର ଆକଳନ କରାଯାଇପାରେ କାରଣ ଜନତା ହେଉଛନ୍ତି ଭାଗ୍ୟ ବିଧାତା ଯେଉଁମାନେ ଭୋଟ ପ୍ରସଙ୍ଗରେ ନିଷ୍ପତ୍ତି ନେବେ । ନିର୍ବାଚନର ଫଳାଫଳ ବାବଦରେ ଅନେକ ସଂସ୍ଥା ଆକଳନ କରିଥାନ୍ତି କିନ୍ତୁ ସେସବୁ ଯେ ସତ ପ୍ରତିଶତ ପ୍ରତିଫଳିତ ହୁଏ ତା ନୁହେଁ । ଦୁଷ୍ପ୍ରଚାର କରି ଦେଶର ଭୋଟରମାନଙ୍କୁ ଏହି ଆକଳନକାରୀମାନେ ଅନେକ ସମୟରେ ବିଭ୍ରାନ୍ତି କରିଥାନ୍ତି । ଏକଥା ମଧ୍ୟ ସତ୍ୟ ଯେ ଏବେର ସମୟରେ ଦୁଷ୍ପ୍ରଚାର ଏକ ବଡ ବ୍ୟବସାୟରେ ପରିଣତ ହୋଇଛି । ଦେଶର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ। ଯେତେବେଳେ ସେମାନଙ୍କୁ ଭବିଷ୍ୟତ ଅନ୍ଧକାର ଦେଖାଯାଏ ସେତେବେଳେ ଜୀବନ ଜାପନ ବା ପରିବାରର ପାଳନ-ପୋଷଣ ପାଇଁ ଲୋଭର ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କୁ ଭୁଡେଇବା ବା ଭ୍ରମିତ କରିବା ପାଇଁ ଏଭଳି କରିଥାନ୍ତି । ପୁଣି ଯେତେବେଳେ ନିର୍ବାଚନ ପ୍ରଚାରର ଖେଳ ସରିଯାଏ ସେତେବେଳେ ସେଇ ଯୁବ ବର୍ଗ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇଥାନ୍ତି। ବେରୋଜଗାରି ଯୁବ ବର୍ଗ କରିବେ ତ କ'ଣ କରିବେ ?ନିର୍ବାଚନ ବେଳେ ଏବେ ଯେମିତି ଭୁଲ ବାଟରେ ଅର୍ଥ ବ୍ୟୟ କରାଯାଉଛି ତାହା ମଧ୍ୟ କିଛି ଲୋକଙ୍କ ପାଇଁ ହିତକର ସାବ୍ୟସ୍ତ ହେଉଛି ଯେଉଁ ମାନଙ୍କ ପାଖରେ କୌଣସି ରୋଜଗାର ନାହିଁ। ଏମାନଙ୍କୁ କିଛି ଦିନ ପାଇଁ ଝଣ୍ଡା ବ୍ୟାନର୍ ଧରିବା,ରାଲୀରେ ଯିବା କାରଣରୁ ରୋଜଗାର ମଧ୍ୟ ମିଳିଯାଏ । କିନ୍ତୁ ପ୍ରଶ୍ନ ହେଉଛି ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳମାନଙ୍କ ପାଖକୁ ଏତେ ଅର୍ଥ ଆସେ କେଉଁଠୁ ? ଏହା ହିଁ ତ ନିର୍ବାଚନୀ ବଣ୍ଡର କାହାଣୀ । ଏହି ଧଳା ହେଉ ବା କଳା ହେଉ ଧନର ବ୍ୟବହାରକୁ ଜାଣିବା ବୁଝିବା ପାଇଁ ଏପରିକି ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଲା । ଏବେ ଦେଶର ଜନସାଧାରଣ ନିର୍ବାଚନୀ ବଣ୍ଡ ଆକାରରେ କିଏ କେତେ ନେଇଛି ସେ ବାବଦରେ ଜାଣି ସାରିଲେଣି। କିନ୍ତୁ ଚୋର ଧରାପଡିଲେ ମଧ୍ୟ ଯେମିତି ଚୋରୀ ବାବଦରେ ସ୍ୱୀକାର କରେ ନାହିଁ ସେହିଭଳି ଏମାନେ ମଧ୍ୟ ସ୍ୱୀକାର କରିବାକୁ ନାରାଜ । ସହଜରେ କେମିତି ସ୍ୱୀକାର କରିଯିବେ ?

ନିର୍ବାଚନୀ ବଣ୍ଡର ରହସ୍ୟ କେମିତି ଦେଶର ଜନସାଧାରଣ ନ ଜାଣନ୍ତୁ ସେଥିପାଇଁ ଅନେକ ପ୍ରଚେଷ୍ଟା ହୋଇଛି କିନ୍ତୁ ସୁପ୍ରିମକୋର୍ଟ ପ୍ରଚେଷ୍ଟାକୁ ବିଫଳ କରିଦେଇଥିଲେ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ନିର୍ବାଚନୀ ବଣ୍ଡ ବା ନିର୍ବାଚନ ପାଇଁ ମିଳିଥିବା ଚାନ୍ଦାର ଟିକିନିଖି ହିସାବ ମାଗିଥିଲେ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଯେଉଁ ତଥ୍ୟ ନିର୍ବାଚନୀ ବଣ୍ଡ ବାବଦରେ ଦେଇଛି ତାହା ସତ ପ୍ରତିଶତ ଠିକ୍ ବୋଲି ଏକ ଶପଥ ପତ୍ର(ଆଫିଡେଭିଟ) ଦେବା ପାଇଁ ଷ୍ଟେଟ ବ୍ୟାଙ୍କର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଏ ସମ୍ପର୍କରେ ତଥ୍ୟ ଲୁଚାଇବାର ସବୁ ବାଟ ବନ୍ଦ ହୋଇଯାଇଥିଲା । ବାଧ୍ୟ ହୋଇ ଷ୍ଟେଟ ବ୍ୟାଙ୍କନିର୍ବାଚନୀ ବଣ୍ଡ ଆକାରରେ ଆସିଥିବା ସବୁ କଳାଧନର ଚିଠା ନିର୍ବାଚନ କମିସନଙ୍କୁ ଦେଇଥିଲେ ନିର୍ବାଚନ କମିଶନ ସେ ସବୁକୁ ସାର୍ବଜନୀନ କରିଛନ୍ତି। ନିର୍ବାଚନୀ ବଣ୍ଡମାଧ୍ୟମରେ ଆସିଥିବା ଅର୍ଥର ଅଧିକ ଭାଗ କେନ୍ଦ୍ରର ବିଜେପି ପାଖକୁ ଯାଇଛି । ବିଜେପି ଯେଉଁ ଧନ କୁବେରମାନଙ୍କଠାରୁ ଚାନ୍ଦା ନେଇଛି ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ତ ଏହି ଅର୍ଥ ଦେଇନଥିବେ ? ଏ ପ୍ରସଙ୍ଗରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ । ତଦନ୍ତ କରାଯିବାର ପ୍ରାସଙ୍ଗିକତା ଏଇଥିପାଇଁ ଯେ ଏବେ ଅଭିଯୋଗ ଉଠିଲାଣି କିଛି ବ୍ୟବସାୟୀ ଓ କର୍ପୋରେଟ ହାଉସକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆୟକର ବିଭାଗ ଏବଂ ସିବିଆଇର ଭୟ ଦେଖାଇ ଶାସକ ବିଜେପି ଏତେ ପରିମାଣର ଅର୍ଥ ପାଇଛି । ଶାସକ ବିଜେପି ଏତେ ପରିମାଣର ଅର୍ଥ ପାଇବା ପରେ ସେମାନଙ୍କୁ ଉପକୃତ କରାଇଥିବ ନିଶ୍ଚୟ । ଏବେ ନିର୍ବାଚନୀ ବଣ୍ଡ ବାବଦରେ ତଥ୍ୟ ସାର୍ବଜନୀନ ହେବା ପରେ ଜାମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ଅଭିଯୋଗ ଠିକ ବୋଲି ମନେ ହେଉଛି । ଶ୍ରୀଯୁକ୍ତ ମଲ୍ଲିକଙ୍କ ଅଭିଯୋଗ ଥିଲା ଯେ ଏକ ଠିକା କାମ ପାଇଁ ତାଙ୍କୁ ୩୦୦କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା । ସତ କଥା ପ୍ରକାଶ କରିବା କାରଣରୁ ତାଙ୍କୁ ରାଜ୍ୟପାଳ ପଦରୁ ହଟାଇ ଦିଆଯାଇଥିଲା ଏବଂ ତାଙ୍କ ଘରେ ସିବିଆଇ ପକ୍ଷରୁ ଚଢାଉ କରାଯାଇଥିଲା । ଏଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ସରକାର ଏ ସବୁ ପ୍ରସଙ୍ଗ ବା ଦୋଷକୁ ଲୁଚାଇବା ପାଇଁ ପୂର୍ବତନ ରାଜ୍ୟପାଳ ସତ୍ୟପାଲମଲ୍ଲିକଙ୍କ ଘରେ ସିବିଆଇର ଚଢାଉ କରାଇଥିଲେ ଏବଂ ପୂର୍ବତନ ରାଜ୍ୟପାଳ ହିସାବରେ ତାଙ୍କୁ ଯେଉଁ ସବୁ ସୁବିଧା ସୁଯୋଗ ଦିଆଯିବା କଥା ସେ ସବୁକୁ ପ୍ରତ୍ୟାହାର କରିନେଇଥିଲେ । ଏବେ ସାରା ଦେଶରେ ଆଲୋଚନା ହେଉଛି ଯେ ବିଜେପି ଏକ ୱାସିଙ୍ଗ ମେସିନ ପାଲଟିଯାଇଛି ଏବଂ ଯେଉଁମାନେ ବିଜେପିକୁ ଆସୁଛନ୍ତି (ଅନ୍ୟ ଦଳର ଦୁର୍ନୀତିଗ୍ରସ୍ତ ନେତା)ସେମାନେ ପୁରା ସଫା ବା ଦୁର୍ନୀତି ମୁକ୍ତ ହୋଇଯାଉଛନ୍ତି । କିନ୍ତୁ ଯେଉଁମାନେ ମୁହଁ ଖୋଲୁଛନ୍ତି ବା ସରକାରଙ୍କୁ ବିରୋଧ କରିବାର ସାହସ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏପରିକି ସେମାନଙ୍କୁ ଜେଲରେ ଠୁଙ୍କି ଦିଆଯାଉଛି । ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ସାହା କହିଛନ୍ତି ଯେ ୨୦ ହଜାର କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ମଧ୍ୟରୁ ସାଢେ ୬ ହଜାରକୋଟି ଟଙ୍କା ବିଜେପିକୁ ମିଳିଛି । ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବାକି ଟଙ୍କା କାହା ପାଖକୁ ଯାଇଛି । ଅମିତ ଶାହା କହିଛନ୍ତି ଯେ ସତ ଖୋଲିଲେ ଅନେକ ରାଜନୈତିକ ଦଳ ମୁହଁ ଦେଖାଇ ପାରିବେ ନାହିଁ। ଅମିତ ଶାହାଙ୍କ କଥା ଅନୁସାରେ ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସ ଦଳ ମଧ୍ୟ ଅଧିକ ଚାନ୍ଦା ପାଇଛନ୍ତି । ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ଆଉ ପାଦେ ଆଗେଇ ଯାଇ କହିଛନ୍ତି କଂଗ୍ରେସକୁ ମିଳିଥିବା ଚାନ୍ଦା କ'ଣରାହୁଲ ଗାନ୍ଧୀ ଫେରେଇ ଦେବେ କି ? ଏହାର ଅର୍ଥ କ'ଣ ?ବୋଧ ହୁଏ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀଦେବେନ୍ଦ୍ର ଫଡନବିଶକହିବାକୁ ଚାହୁଁଛନ୍ତି ଯେହେତୁ ବିଜେପି ଶାସନରେ ରହିଛି ତେଣୁ ଚାନ୍ଦା ପାଇବା ବିଜେପିର ଅଧିକାର, କିନ୍ତୁ ଅନ୍ୟ ଦଳମାନେ ଚାନ୍ଦା ନେବାକୁ ସାହାସ କଲେ କେମିତି ?ଏମିତି ଅନେକ ତର୍କ ଶୁଣିବାକୁ ମିଳୁଛି । ସାରା ଦେଶର ଲୋକେ ଏ ଘଟଣା ପାଇଁ ଲଜ୍ଜା ଅନୁଭବ କରୁଛନ୍ତି । କିନ୍ତୁ ସେଭଳି ସ୍ଥିତିରେ ବିଜେପି ନିଜକୁ ଦୋଷମୁକ୍ତ ବୋଲି କହିବାକୁ ଚାହୁଁଛି ଏବଂ ଅଭିଯୋଗରୁ ନିଜକୁ ଦୂରେଇ ରଖୁଛି। ମାନ୍ୟବର ସୁପ୍ରିମକୋର୍ଟ ନିର୍ବାଚନୀ ବଣ୍ଡ ବାବଦରେ କୁତର୍କକୁଅଣଦେଖା କରିଥିଲେ । ଏଣୁ ବିଜେପି ନିଜକୁ ଦୋଷୀ ନୁହେଁ ବୋଲି କହିବ ବା କହୁଛି କେମିତି ?

ଦେଶରେ ଏବେ ଭାଇଚାରା ନଷ୍ଟ ହେବାରେ ଲାଗିଛି ବେରୋଜଗାରି ବଢିଛି । କଳାଧନକୁ ନିର୍ବାଚନୀ ବଣ୍ଡରେ ପରିବର୍ତ୍ତନ କରାଯାଇଛି । ଏସବୁ କଥା ଦେଶର ଜନସାଧାରଣ ଜାଣିସାରିଲେଣି। କିନ୍ତୁ ବିଜେପି କହୁଛି ଯେ ଅନ୍ୟ ଦଳମାନେ ମଧ୍ୟ ଚାନ୍ଦା ନେଇଛନ୍ତି । ଦେଶର ଲୋକେ ଏକଥା ମଧ୍ୟ ଦେଖୁଛନ୍ତି ଯେ ଇଡି,ସିବିଆଇକୁ ଲଗାଇ ଅନ୍ୟ ବିରୁଦ୍ଧରେ ଅଭିଯୋଗକୁ ସାବ୍ୟସ୍ତ କରାଇବାର ଚେଷ୍ଟା କରାଯାଉଛି ଓ ବିଜେପିକୁ କେମିତି ଦୋଷମୁକ୍ତ କରାଯାଉଛି, କଂଗ୍ରେସ ଏହି ନିର୍ବାଚନୀ ବଣ୍ଡ ବ୍ୟବସ୍ଥାକୁ ସବୁଠୁ ବଡ ଦୁର୍ନୀତି ବୋଲି କହିଛି । ଏସବୁ ସମ୍ପର୍କରେ ଦେଶର ଜନସାଧାରଣ ସବୁ ଜାଣିଛନ୍ତି ଓ ଜାଣୁଛନ୍ତି । ଏଣୁ କିଏ କ'ଣ ଓ କିଏ ଠିକ୍ କିଏ ଭୁଲ ସେ ସବୁର ବିଚାର ସେମାନେ କରିବେ । କିନ୍ତୁ ସବୁଠାରୁ ବଡ କଥା ହେଉଛି ଏ ପ୍ରସଙ୍ଗରେ ପ୍ରତିଦିନ ଯେପରି ନୂଆନୂଆ କଥା ସବୁ ଜଣାପଡୁଛି ସେଥିରୁ ସ୍ପଷ୍ଟ ଯେ ଦେଶରେ ପୂର୍ବରୁ ହୋଇଥିବା ଭ୍ରଷ୍ଟାଚାର ଏହା ଆଗରେ ପିଲାଙ୍କ ଖେଳ ଭଳି । ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଷ୍ଟେଟ ବ୍ୟାଙ୍କ ଯାହା ତଥ୍ୟ ଦେଇଛି ସେଥିରେ ଆଉ ତଦନ୍ତ କରାଯିବା ପାଇଁ ଆବଶ୍ୟକ ନାହିଁ। ପ୍ରମାଣ ହିଁଷ୍ଟେଟବ୍ୟାଙ୍କରତଥ୍ୟ । ନିର୍ବାଚନୀ ବଣ୍ଡ ଆକାରରେ ମିଳିଥିବା ଅର୍ଥଠାରୁ ଢେର ଅଧିକ ମଧ୍ୟ ରାଜନୈତିକ ଦଳମାନଙ୍କୁ ମିଳିଥିବ । ଏ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁସାରେ ବିଜେପିକୁ ୮ ହଜାର କୋଟିରୁ ଅଧିକ ଟଙ୍କା ମିଳିଛି । ଏହା ବିଜେପିକୁ ମିଳିଥିବା ଭୋଟର ଅନୁପାତ ବା ଦେଶରେ ବିଜେପିର ସାଂସଦ ଏବଂ ବିଧାୟକଙ୍କ ଅନୁପାତ ଠାରୁ ଅଧିକ । କିନ୍ତୁ ଏହା ଅସଲ ପ୍ରଶ୍ନ ନୁହେଁ । ଏ ପ୍ରସଙ୍ଗରେ ଏକ ଉଦାହରଣ ହେଉଛି ଆଦିତ୍ୟ ବିରଳାଗ୍ରୁପ ୫୩୪ କୋଟି ଟଙ୍କାର ବଣ୍ଡ କିଣିଥିଲା । ସେହି ଗ୍ରୁପର ଗ୍ରାସିମ ନାମକ କମ୍ପାନୀ ୩୩ କୋଟି ଟଙ୍କାର ବଣ୍ଡ କିଣିଥିଲା । ସରକାର ଏହି କମ୍ପାନୀର ଆଣ୍ଟିଡମ୍ପିଙ୍ଗଡ୍ୟୁଟି ଛାଡ କରିଦେଇଥିଲେ ଫଳତଃ କମ୍ପାନୀକୁ ବହୁ କୋଟି ଟଙ୍କାର ଲାଭ ହୋଇଥିଲା । ଏହା ପରେ କମ୍ପାନୀକୁ ହିମାଞ୍ଚଳ ପ୍ରଦେଶରେ ୧୦୯୮ କୋଟି ଟଙ୍କାର ପାୱାର ପ୍ରୋଜେକ୍ଟ କାମର ଠିକା ମିଳିଥିଲା । ଏହା କେବଳ ଗୋଟିଏ ଉଦାହରଣ ନୁହେଁ ଏପରି ଅନେକ ଉଦାହରଣ ରହିଛି । ଏଣୁ ଏହାକୁ ସ୍ୱାଧୀନ ଭାରତର ବଡ ଦୁର୍ନୀତି ବୋଲି ମଧ୍ୟ କୁହାଯାଇପାରେ । ଏ ସବୁ ପରେ ମଧ୍ୟ ଦେଶର ଜାତୀୟ ସ୍ତରର ଗଣମାଧ୍ୟମ ଯେଭଳି ଭାବେ ଏ ପ୍ରସଙ୍ଗରେ ସମ୍ବାଦ ପ୍ରସାରଣ କରିବା କଥା ତାହା କରୁନାହାଁନ୍ତି । ବୋଧ ହୁଏ ଜାତୀୟ ଗଣମାଧ୍ୟମ ଏଥିପାଇଁ ସାହାସ ଯୁଟାଇ ପାରୁନାହିଁ ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ-୯୪୩୮୪୮୫୦୯୪*

# ବେବି ବ୍ଲୁଜ୍



ଶୁଭଶ୍ରୀ ମିଶ୍ର

ଜଣେ ମାଆ ପାଇଁ ତା ଜୀବନର ଶ୍ରେଷ୍ଠ ଉପଲବ୍ଧି ଓ ଆନନ୍ଦ ହେଉଛି ଯେତେବେଳେ ସେ ଜଣେ ଜନ୍ମଦାତ୍ରୀ ହୋଇଥାଏ। ତେବେ ଅନେକ ସମୟରେ ଦେଖାଯାଏ ପ୍ରଥମ ସନ୍ତାନ ଜନ୍ମ କଲାବେଳେ ଜଣେ ମାଆ ଅନେକ କଥା ଚିନ୍ତା କରି ମନ ଭିତରେ ଏକ ପ୍ରକାର ଭୟ ନିଜେ ହିଁ ସୃଷ୍ଟି କରିଥାଏ। ତେବେ ସବୁ କ୍ଷେତ୍ରରେ ଏହା ଘଟିନଥାଏ। ମା' ହେବା ପରେ ମହିଳାଙ୍କ ଭିତରେ ଅନେକ କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ମହିଳାଙ୍କ ଠାରେ ଶାରୀରିକ ଏବଂ ମାନସିକ ପରିବର୍ତ୍ତନ ଦେଖାଯାଇଥାଏ। ଶାରୀରିକ ପରିବର୍ତ୍ତନ ହେବା ସାଧାରଣ କଥା। କିନ୍ତୁ ମାନସିକ ପରିବର୍ତ୍ତନ ନୂଆ କରି ମା' ହୋଇଥିବା ମହିଳାଙ୍କଠାରେ ସମସ୍ୟା ସୃଷ୍ଟି କରିଥାଏ। ମା' ହେବା ପରେ ମହିଳାଙ୍କ ଠାରେ ଖୁସି ଏବଂ ଉତ୍ସାହ ଦେଖିବାକୁ ମିଳେ। କିନ୍ତୁ ଏହା ଅଳ୍ପ ଦିନର ହୋଇଥାଏ। କାରଣ ମା' ହେବାପରେ ଅଧିକାଂଶ ମହିଳାଙ୍କ ଠାରେ ଭୟ, ଚିନ୍ତା ଏବଂ ଅବସାଦ ମନରେ ବସା ବାନ୍ଧେ। ଚିଡ଼ା ଲାଗିବା, ନିଦ ନ ହେବା, ଭୋକ ନ ଲାଗିବା ପରି ଲକ୍ଷଣ ଦେଖାଯାଏ। ଅର୍ଥାତ୍ ପିଲା ଜନ୍ମ ହେବା ପରେ ଅଧିକାଂଶ ମହିଳା ଏକ ପ୍ରକାର ଅବସାଦକୁ ମଧ୍ୟ ଚାଲିଯାଆନ୍ତି। ଏହାକୁ କୁହାଯାଏ ବେବି ବ୍ଲୁଜ୍। ପିଲା ଜନ୍ମ ହେବା ପରେ ୧୦-୧୫ ପ୍ରତଶତ ମହିଳା ବେବି ବ୍ଲୁଜ ଶିକାର ହୋଇଥାନ୍ତି। ମହିଳାମାନେ ଗର୍ଭ ଧାରଣ କରିବା ଆରମ୍ଭରୁ ଏବଂ ପ୍ରସବ ପରେ ବେବି ବ୍ଲୁଜ୍ ହୋଇଥାଏ। ଏଥିରେ ମୁଡ଼ ସୁଇଙ୍ଗସ, ଚିନ୍ତା, ଡର, ଅନିଦ୍ରା, ଅବସାଦ ପରି ଲକ୍ଷଣ ଦେଖାଯାଏ। ପିଲା ଜନ୍ମ ହେବାର ୨-୩ ଦିନରେ ଏହା ମହିଳାଙ୍କ ଠାରେ ଦେଖିବାକୁ ମିଳିଥାଏ। କିନ୍ତୁ କିଚି ମହିଳାଙ୍କ ଠାରେ ଏହା ଅତି ଭୟଙ୍କର ରୂପ ନିଏ। ଯେଉଁ ମହିଳାଙ୍କୁ ବାଇପୋଲାର ଡିଜଅର୍ଡ଼ର ସମସ୍ୟା ଥାଏ ସେମାନଙ୍କ ଠାରେ ବେବି ବ୍ଲୁଜ୍ ସମସ୍ୟା ୪୦ ପ୍ରତିଶତ ଅଧିକ ଥାଏ। ଏଥିରେ ୧୦ ପ୍ରତିଶତ ଆତ୍ମହତ୍ୟା ଏବଂ ଶିଶୁ ମୃତ୍ୟୁ ସମ୍ଭାବନା ଦେଖା ଦେଇଥାଏ। ବେବି ବ୍ଲୁଜ୍ ଯୋଗୁଁ ମହିଳାଙ୍କ ଠାରେ ଦେଖା ଦେଉଥିବା ଅବସାଦ ଏବଂ ଚିନ୍ତା ପରବର୍ତ୍ତୀ ସମୟରେ ମାନସିକ ରୋଗର ରୂପ ନେଇଥାଏ। ଡାକ୍ତରୀ ବିଜ୍ଞାନରେ ବେବି ବ୍ଲୁଜ୍‌କୁ ପୋଷ୍ଟପାର୍ଟମ ଡିପ୍ରେସନ କୁହାଯାଏ। ଏକ ଅଧ୍ୟୟନରୁ ଜଣା ପଡ଼ିଛି ପ୍ରସବ ପରେ ନୂଆକରି ମା' ହୋଇଥିବା ମହିଳାଙ୍କ ଠାରେ ବେବି ବ୍ଲୁଜ୍ ହେବାର ଆଶଙ୍କା ୬୫ ପ୍ରତିଶତରୁ ଅଧିକ ଥାଏ। ୭୦-୮୦ ପ୍ରତିଶତ ନୂଆ ମା'ଙ୍କୁ ଶିଶୁ ଜନ୍ମର ଚାରି ପାଞ୍ଚ ଦିନ ପରେ ମନରେ ନକାରାତ୍ମକ ଭାବନାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପିଲା ଜନ୍ମ ହେବାର ପ୍ରଥମ ସପ୍ତାହରେ ୮୦ ପ୍ରତିଶତ ମହିଳାଙ୍କ ଠାରେ ବେବି ବ୍ଲୁଜ୍ ସମସ୍ୟା ଦେଖିବାକୁ ମିଳିଥାଏ। ତେବେ ଏହି ମାନସିକ ରୋଗରୁ ତୁରନ୍ତ ବାହାରିବା ନିହାତି ଦରକାର। ନ ହେଲେ ଏହା ଭୟଙ୍କର ରୂପ ନେଇପାରେ। କାଉନସେଲିଂ ଏଂବ ଔଷଧର ସାହାଯ୍ୟ ନେଇପାରିବେ। ପରିବାର ଲୋକଙ୍କ ସହଯୋଗ ମଧ୍ୟ ମା'ମାନଙ୍କୁ ଅନେକାଂଶରେ ଅବସାଦରୁ ଦୂରେଇ ରଖିଥାଏ।

ଉପରୋକ୍ତ ସମସ୍ୟାକୁ ସାମ୍ନା କରୁଥିବା ମା'ପାଇଁ ବଡ଼ ଦାୟିତ୍ୱ ରହିଛି ତାଙ୍କ ସ୍ୱାମୀ ଓ ତାଙ୍କ ଆଖାପାଖରେ ରହୁଥିବା ଲୋକମାନଙ୍କ ଠାରୁ। ଅନେକ କ୍ଷେତ୍ରରେ ଦେଖାଯାଏ ତାଙ୍କ ପାଖ ଲୋକମାନେ ଏହାକୁ ଏକ ପ୍ରକାର ମାନସିକ ରୋଗୀ ବା ପାଗେଳି ଭାବିଥାନ୍ତି କିନ୍ତୁ ଏହା ଠିକ୍ ନୁହେଁ। କାରଣ ଏହାଦ୍ୱାରା ମା'ଟିର ମନ ଭିତରେ ଅଧିକ ଅବସାଦ ଓ ପ୍ରତିକ୍ରିୟା ସହ ଦୁଃଖ, ନୈରାଶ୍ୟ ସୃଷ୍ଟି ହୋଇଥାଏ। ସବୁଠାରୁ ବଡ଼ କଥା ହେଉଛି ଏହି ସମସ୍ୟା ତା ଛୋଟ ପିଲାଟି ଉପରେ ବଡ଼ ପ୍ରଭାବ ପକାଇଥାଏ। ମା'ଜଣଙ୍କ ଠିକ ଭାବରେ ଖାଇପାରିନଥାଏ ଓ ବିଶ୍ରାମ ମଧ୍ୟ ନେଇପାରିନଥାଏ ଯାହାଦ୍ୱାରା ନୂଆ ଜନ୍ମ ହୋଇଥିବା ପିଲାଟି ପାଇଁ ସଠିକ ଭାବେ ସେ ସ୍ତନ୍ୟପାନ କରାଇବା ପାଇଁ ନିଜକୁ ପ୍ରସ୍ତୁତ ବି କରିପାରିନଥାଏ। ଏ କ୍ଷେତ୍ରରେ ମା'ଟି ଯେପରି ସମସ୍ତଙ୍କ ଠାରୁ ଆଶ୍ୱାସନା, ଭଲପାଇବା ଓ ସ୍ୱାମୀ ଠାରୁ ଆଦର ଯତ୍ନ ପାଇବ ତାହା ଚିନ୍ତା କରନ୍ତୁ। ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ସହ ନିୟମିତ ଯୋଗାଯୋଗରେ ରୁହନ୍ତୁ। ମାଆଟିକୁ ଆଧାତ୍ମିକ ପୁସ୍ତକ ପଢ଼ିବାକୁ ଦିଅନ୍ତି, ତାଙ୍କ ସହିତ ଭଲରେ କଥାବାର୍ତ୍ତା ହୁଅନ୍ତୁ ଦେଖିବେ ଏହି ସମସ୍ୟ ଖୁବ ଶୀଘ୍ର ଦୂର ହୋଇଯିବ ଏବଂ ଆପଣଙ୍କ ଘରୁକୁ ପୁଣି ସବୁ ସୁଖ ଓ ଶାନ୍ତି ଫେରି ଆସିବ ନିଶ୍ଚୟ।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୮୬୧୪୬୩୪୦୬

# ଲିଭର ପ୍ରତିରୋପଣ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ ଗ୍ରନ୍ଥି । ଏହା ପାଚନ ପ୍ରକ୍ରିୟାରେ ସହାୟକ ଏକାଧିକ ପାଚନ ରସ ସୃଷ୍ଟି କରେ । ଏହା ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ କରିଥାଏ । ଖାଦ୍ୟ, ଔଷଧ ଓ ବିଭିନ୍ନ ହରମୋନ୍ ଇତ୍ୟାଦି ଯକୃତରେ ହଜମ ହୋଇଥାଏ । ଯକୃତ ପିତ୍ତରସ କ୍ଷରଣ କରେ ଯାହା ଚର୍ବି ଓ ଭିଟାମିନ୍ ହଜମରେ ସାହାଯ୍ୟ କରେ । ଶରୀରର ସମସ୍ତ ପ୍ରୋଟିନ୍ ଯକୃତରେ ତିଆରି ହୁଏ । ରୋଗ ପ୍ରତିରୋଧ ଶକ୍ତି ନିୟନ୍ତ୍ରଣରେ ଯକୃତର ପ୍ରମୁଖ ଭୂମିକା ରହିଛି ।

ବର୍ତ୍ତମାନ ଯକୃତ ସମ୍ପୃକ୍ତ ରୋଗ ଦୃତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ, ହେପାଟାଇଟିସ୍ ବି ଓ ସି ସଂକ୍ରମଣ, ଲିଭର ଶିରା-ପ୍ରିଶିରାରେ ରକ୍ତ ସଞ୍ଚାଳନ ରୁଦ୍ଧ ହେବା, ଫେଟି ଲିଭର ରୋଗ, ବିଲିଆରୀ ସିରୋସିସ୍, ସ୍କେଲେରୋଜିଂ କୋଲାଞ୍ଜାଇଟିସ୍, ଜନ୍ମଗତ ଲିଭର ରୋଗ, ଅଟୋଇମ୍ୟୁନ୍ ଲିଭର ସଂକ୍ରମଣ, ବିଲିୟାରୀ ଏଟ୍ରେସିଆ, ହେପାଟୋବ୍ଲାଷ୍ଟୋମା ଓ ଲିଭର କ୍ୟାନସର ଇତ୍ୟାଦି ଲିଭର ରୋଗର ମୁଖ୍ୟ କାରଣ । ଏହିସବୁ ରୋଗରେ ଆକ୍ରାନ୍ତ ହୋଇ ଯେତେବେଳେ ଯକୃତ ଅକର୍ମଣ୍ୟ ହୋଇଯାଏ ବା ଲିଭର ତାର ନିଜସ୍ୱ କର୍ମ କରିବାରେ ଅସଫଳ ହୁଏ ସେତେବେଳେ ଲିଭର ପ୍ରତିରୋପଣ ଆବଶ୍ୟକ ହୋଇଥାଏ । ବିଭିନ୍ନ ଔଷଧ ମାଧ୍ୟମରେ ଚିକିତ୍ସା କଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ନିମିତ୍ତ ଲିଭର ପ୍ରତିରୋପଣ ନିହାତି ଆବଶ୍ୟକ । ଲିଭର ସିରୋସିସ୍, ଲିଭର କ୍ୟାନସର ଓ ଲିଭର ଫେଲୁଓର୍ ଇତ୍ୟାଦି ରୋଗର ଆରୋଗ୍ୟ ନିମିତ୍ତ ଲିଭର ଟ୍ରାନ୍ସପ୍ଲାଣ୍ଟ ବା ଯକୃତ ପ୍ରତିରୋପଣ ଏକାନ୍ତ ଆବଶ୍ୟକ । ଲିଭର ପ୍ରତିରୋପଣ ହେଉଛି ଏକ ରୋଗାକ୍ରାନ୍ତ ଲିଭରକୁ ରୋଗୀର ଶରୀରରୁ ବାହାର କରି ସେହି ସ୍ଥାନରେ ଏକ ସୁସ୍ଥ ଲିଭର ବା ତାହାର କିଛି ଅଂଶକୁ ଏକ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ରଖିବାର ପଦ୍ଧତି । ସମ୍ପୂର୍ଣ୍ଣ ଯକୃତ ବା ତାହାର ଅର୍ଦ୍ଧେକ ଅଂଶକୁ ଏକ ବ୍ରେନ ଡ଼େଡ୍ ବା ସୁସ୍ଥ ବ୍ୟକ୍ତି ଦେହରୁ ଅସ୍ତ୍ରୋପଚାର ମାଧ୍ୟମରେ ଆଣି ରୋଗୀର ଶରୀରରେ ରଖିବାର ପଦ୍ଧତିକୁ ଲିଭର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଏହି ପ୍ରତିରୋପଣ ହେଉଛି ଏକ ଜୀବନ ରକ୍ଷାକାରୀ ଚିକିତ୍ସା ପଦ୍ଧତି ଯାହା ରୋଗୀକୁ ଏକ ନୂତନ ଜୀବନ ପ୍ରଦାନ କରିଥାଏ । ଆକସ୍ମିକ ଦୁର୍ଘଟଣାରୁ ଯେଉଁ ବ୍ୟକ୍ତିମାନେ ବ୍ରେନ୍ ଡେଡ୍ ହୋଇଯାନ୍ତି ସେମାନଙ୍କର ଶରୀରରୁ ସୁସ୍ଥ ଲିଭର, କିଡ୍‌ନୀ, ଫୁସ୍‌ଫସ୍, କର୍ଣ୍ଣିଆ ଓ ଖାଦ୍ୟନଳୀ ବାହାର କରି ରୋଗୀମାନଙ୍କ ଶରୀରରେ ରଖାଯାଏ, ଯାହାକୁ ମୃତ ଡ଼ୋନ୍‌ର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଯେତେବେଳେ ସୁସ୍ଥ ବ୍ୟକ୍ତି ତାଙ୍କର ଅର୍ଦ୍ଧେକ ଲିଭର ତାଙ୍କର ସମ୍ପର୍କୀୟ ରୋଗୀମାନଙ୍କୁ ଦାନ କରନ୍ତି ସେ କ୍ଷେତ୍ରରେ ଜୀବନ୍ତ ଡୋନର୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଲିଭର ହେଉଛି ଶରୀରର ଏକମାତ୍ର ଗ୍ରନ୍ଥି ଯାହାର ଅସାଧାରଣ ରିଜେନେରେଟିଭ (ବୃଦ୍ଧି) ଶକ୍ତି ରହିଛି । ସେଥିପାଇଁ ଅର୍ଦ୍ଧେକ ଲିଭର ଯାହା ଦାନ କରାଯାଏ ତାହା ୧-୨ ମାସ ମଧ୍ୟରେ ଉଭୟ ଗ୍ରହୀତା ଓ ଦାତାଙ୍କ ଶରୀରରେ ବୃଦ୍ଧି ପାଇ ସାଧାରଣ କର୍ମଦକ୍ଷତାକୁ ଫେରି ଆସେ ।

ପ୍ରତିରୋପଣ କେନ୍ଦ୍ରରେ ସାଧାରଣତଃ ପ୍ରତିରୋପଣ କରୁଥିବା ସର୍ଜନ, ଲିଭର ବିଶେଷଜ୍ଞ, ରେଡ଼ିଓଲଜିଷ୍ଟ, ପାଥୋଲଜିଷ୍ଟ, ବାଓକେମିଷ୍ଟ୍ରି ବିଶେଷଜ୍ଞ, ଟ୍ରାନ୍ସଫ୍ୟୁଜନ ବିଶେଷଜ୍ଞ, ମାଇକ୍ରୋବାୟୋଲଜିଷ୍ଟ, କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ, ପଲମ୍ୟୁନାରୀ ବିଶେଷଜ୍ଞ ଓ ଆନାସ୍ଥେସିଆ ବିଶେଷଜ୍ଞ ଇତ୍ୟାଦି ବିଭିନ୍ନ ବିଭାଗର ଚିକିତ୍ସକମାନେ ରହି ଏକ ସମ୍ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନିଅନ୍ତି ।

ପ୍ରତିରୋପଣ କ୍ଷେତ୍ରରେ ଦାତା (ଡୋନର) ଓ ଗ୍ରହୀତା (ରସିପିଏଣ୍ଟ) ଉଭୟଙ୍କର ସମସ୍ତ ପ୍ରକାର ପରୀକ୍ଷା କରାଯାଏ । ସାଧାରଣତଃ ନିଜ ପରିବାର ବା ରକ୍ତ ସମ୍ପର୍କୀୟମାନେ ରୋଗୀ ନିମିତ୍ତ ଯକୃତ ଦାନ କରିଥାନ୍ତି । ବିଶେଷ କ୍ଷେତ୍ରରେ ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଲିଭର ଦାନ କରିପାରନ୍ତି ଯଦି ତାଙ୍କର ରକ୍ତ ସହ ରୋଗୀର ରକ୍ତ ମେଳ ଖାଏ । ଉଭୟ ଦାତା ଓ ଗ୍ରହୀତାଙ୍କର ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା, ଅଲଟ୍ରାସାଉଣ୍ଡ, ଏକ୍ସରେ, ସିଟି ସ୍କାନ, ଏମ୍.ଆର.ଆଇ, ଇସିଜି, ଇକୋକାର୍ଡିଓଗ୍ରାଫି, ଏଞ୍ଜିଓଗ୍ରାଫି ଦାନ୍ତ ପରୀକ୍ଷା ଓ ମହିଳାମାନଙ୍କ କ୍ଷେତ୍ରରେ ମାମୋଗ୍ରାଫି ଇତ୍ୟାଦି ପରୀକ୍ଷା କରାଯାଏ । ଯକୃତର ପରିମାଣ ମାପିବା ପାଇଁ ବିଭିନ୍ନ ପ୍ରକାର ଏମ୍.ଆର୍.ଆଇ ପରୀକ୍ଷା କରାଯାଏ । ତାହା ସହିତ ଗ୍ରହୀତାର ମାନସିକ, ଆର୍ଥିକ ଓ ସାମାଜିକ ଅବସ୍ଥାକୁ ମାନସିକ ବିଶେଷଜ୍ଞମାନେ ଅନୁଧ୍ୟାନ କରନ୍ତି ।

ଯଦି କୌଣସି ବ୍ୟକ୍ତିର ଜୀବାଣୁ ସଂକ୍ରମଣ, ହୃତ୍‌ପିଣ୍ଡ, କିଡ୍‌ନୀ, ଫୁସ୍‌ଫୁସ. ବୃକକ୍‌ର ରୋଗ ବା କ୍ୟାନସର ଇତ୍ୟାଦି ରୋଗ ଥାଏ ସେମାନେ ପ୍ରତିରୋପଣ ପାଇଁ ଉପଯୁକ୍ତ ହୁଅନ୍ତି ନାହିଁ । ଯେଉଁ ରୋଗୀମାନେ ମଦ୍ୟପାନ କରନ୍ତି ଅନ୍ତତଃ ଛଅ ମାସ ସେମାନେ ମଦ୍ୟପାନରୁ ନିବୃତ୍ତ ହେବା ଆବଶ୍ୟକ । ଉଭୟ ଦାତା ଓ ଗ୍ରହୀତାଙ୍କର ଏକ ସାଙ୍ଗରେ ଦୁଇଟି ଟେବୁଲରେ ଅସ୍ତ୍ରୋପଚାର କରାଯାଏ ।

ଅସ୍ତ୍ରୋପଚାର କକ୍ଷରେ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଦାତାଙ୍କ ଦେହରୁ ଯକୃତର ଅର୍ଦ୍ଧେକ ଅଂଶ କାଟି ବାହାର କରନ୍ତି । ଆଉ ଏକ ଟିମ୍ ରୋଗୀର ଦେହରୁ ରୋଗଗ୍ରସ୍ତ ଲିଭରକୁ ବାହାର କରନ୍ତି । ତାପରେ ନୂଆ ଲିଭର ଆସିଲେ ରୋଗୀର ଦେହରେ ତାହା ରଖି ତାର ରକ୍ତ ନଳୀ, ପିତ୍ତନଳୀ ଓ ଅନ୍ୟାନ୍ୟ ରକ୍ତ ଶିରା ସହିତ ଯୋଗାଯୋଗ ରକ୍ଷା କରନ୍ତି, ଯାହାଫଳରେ ନୂଆ ଲିଭରକୁ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଯାଏ । ଅପାରେସନ୍ ପରେ ରୋଗୀ ସାଧାରଣତଃ ଏକ ସପ୍ତାହ ଆଇ.ସି.ୟୁ.ରେ ଚବିଶ ଘଣ୍ଟା ପରୀକ୍ଷା ନିରୀକ୍ଷା ଭିତରେ ରହେ । ଧୀରେ ଧୀରେ ରୋଗୀ ଭେଣ୍ଟିଲେଟରରୁ ବାହାରି ଆସେ ଓ ଆରୋଗ୍ୟ ଲାଭ କରେ ।

ଲିଭର ପ୍ରତିରୋପଣ ଏକ ଜଟିଳ ଚିକିତ୍ସା ପଦ୍ଧତି । ପ୍ରତିରୋପଣ ପରେ ରୋଗୀର ହୁଏତ ସଂକ୍ରମଣ, ରକ୍ତକ୍ଷରଣ, ପିତ୍ତ ଲିକ୍, ଶିରାରେ ରକ୍ତ ପ୍ରବାହିତ ନହେବା ବା ରିଜେକ୍‌ସନ୍ ଇତ୍ୟାଦି କମ୍ପ୍ଲିକେସନ୍ ହୋଇପାରେ । କିନ୍ତୁ ଠିକ୍ ସମୟରେ ଚିକିତ୍ସା କଲେ ସାଧାରଣତଃ ଅନ୍ତତଃ ୯୦ ଶତାଂଶ ରୋଗୀ ୧ ବର୍ଷ ଓ ୭୫ ଶତାଂଶ ରୋଗୀ ୧୦ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଜୀବନଯାପନ କରନ୍ତି । ଏହି ଚିକିତ୍ସା ଭାରତବର୍ଷର କତିପୟ କର୍ପୋରେଟ୍ ହସ୍‌ପିଟାଲରେ ଉପଲବ୍ଧ ହୋଇଛି । ଓଡ଼ିଶାର ମହାମହିମ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ବ୍ୟୟବହୁଳ ଓ ଜଟିଳ ଚିକିତ୍ସା ପଦ୍ଧତିକୁ ଓଡ଼ିଶାରେ ନିଶୁଳ୍କ ଉପଲବ୍ଧ କରିବା ପାଇଁ ସତତ ପ୍ରଚେଷ୍ଟାରେ ଅଛନ୍ତି । ଉଭୟ ଦାତା ଓ ଗ୍ରହୀତା ଏହି ଟ୍ରାନସପ୍ଲାଣ୍ଟ ମାଧ୍ୟମରେ ସୁସ୍ଥ ଜୀବନଯାପନ କରୁଛନ୍ତି ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍.ସି.ବି. ମେଡିକାଲ କଲେଜ, କଟକ,*
*ମୋବାଇଲ - ୯୪୩୭୦୫୧୯୫୭*




# ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଭାବପ୍ରବଣତା ଓଡ଼ିଶା ସହିତ ରହିଛି। ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି। ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧିଜୀଙ୍କ ପୁରୀ ଆଗମନର ଶତବାର୍ଷିକୀ ଉଦ୍‌ଯାପନ ସମାରୋହ ପାଳନ ହେବ। ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ। ସେହି ସ୍ମୃତି ଦିବସକୁ ୧୦୧ତମ ବର୍ଷ ପୂରଣ ହୋଇଛି। ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ। ଧୋତି ବଦଳରେ ଆଣ୍ଠୁ ଉପରକୁ ଲୁଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ। ତାଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା। ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ। ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଞ୍ଚିଥିଲେ। ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିଦିନ ସନ୍ଧ୍ୟାରେ ଶରଧାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଏହାପରେ ସେ ପୁରୀ ଜିଲ୍ଲାର ଦାରିଦ୍ର୍ୟ ରୂପ ଦେଖିଥିଲେ। ଅଭାବ କେତେ କଷ୍ଟଦାୟକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇପଡ଼ିଥିଲେ। ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସଖୀଚାନ୍ଦଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ। ୨୮ ତାରିଖରେ ଗାନ୍ଧିଜୀଙ୍କ ମୌନବ୍ରତ ଥିଲା। ୨୯ ତାରିଖ ସକାଳୁ ସେ ପୁରୀ ଛାଡ଼ିଥିଲେ। ନିଜ ତିନିଦିନ ଭ୍ରମଣରେ ଗାନ୍ଧିଜୀ ଆର୍ଥିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ପୁରୀକୁ ହୃଦୟଙ୍ଗମ କରିବାକୁ ପ୍ରଚେଷ୍ଟା କରିଥିଲେ। ଏହା ବ୍ୟତୀତ ସେ ୧୯୨୭ରେ ଦୁଇଦିନ ପାଇଁ ଏବଂ ୧୯୩୪ ମସିହାରେ ହରିଜନ ପଦଯାତ୍ରାରେ ପୁରୀ ଆସିଥିଲେ। ପଦଯାତ୍ରା ଅବସରରେ ଚନ୍ଦନପୁର ବଜାରରେ ଶୋଇଥିବାବେଳେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ଥିଲା, ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଲୋକଙ୍କୁ ଜାଣିବା ଓ ମିଶିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରୁଛି। ସେଠାରୁ ସେ ନିଜ ସ୍ତ୍ରୀ କସ୍ତୁରବାଙ୍କ ନିକଟକୁ 'ରାମ ଗୀତା' ନାମକ ଏକ ବହି ପଠାଇଥିଲେ। ଗାନ୍ଧିଜୀଙ୍କ ଜୀବନଶୈଳୀ ସମ୍ପର୍କିତ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶହେ ଭାଗ ବିଶିଷ୍ଟ 'କଲେକ୍‌ଟେଡ ୱାର୍କ୍ସ ଅଫ ମହାତ୍ମା ଗାନ୍ଧୀ'ରେ ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

# ବି.ଆର୍. ଆମ୍ବେଦକର

ବାବା ସାହେବ ନାମରେ ଜଣାଶୁଣା ଭୀମରାଓ୍ୱ ରାମଜୀ ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ତଥା ଆଧୁନିକ ବୌଦ୍ଧ ଆନ୍ଦୋଳନର ସେନାପତି କୁହାଯାଏ। ସେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ। ୧୮୯୧ ମସିହା ଆଜିର ଦିନରେ ମଧ୍ୟପ୍ରଦେଶର ଏକ ଗରିବ ଦଳିତ ପରିବାରରେ ଭୀମାରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ହୋଇଥିଲା। ଭାରତୀୟ ସମ୍ବିଧାନର ପ୍ରଣେତା ସେ। ଏକାଧାରାରେ ଜଣେ ଅର୍ଥନୀତିଜ୍ଞ, ରାଜନୀତିଜ୍ଞ, ଜୁରିଷ୍ଟ ଓ ସୁଧାରକ ଥିଲେ। ତାଙ୍କ ପୂର୍ବପିଢ଼ୀ ଦୀର୍ଘ ବର୍ଷ ଧରି ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରେ କାମ କରି ଆସୁଥିଲେ। ପିଲାଦିନେ ସ୍କୁଲକୁ ପଢ଼ି ଯିବା ବେଳେ ଶ୍ରେଣୀରେ ବସିବାକୁ ତାଙ୍କୁ ଅନୁମତି ମିଳୁନଥିଲା। ଯଦି କେବେ ପାଣି ପିଇବାକୁ ଇଚ୍ଛା କରୁଥିଲେ, ତେବେ ସ୍କୁଲ ପିଅନ ତାଙ୍କୁ ଦୂରରେ ରହି ପାଣି ଟେକି ଦେଉଥିଲା। ବହୁକଷ୍ଟରେ ସେ ମାଟ୍ରିକ ପାସ କଲେ। ଏହାପରେ ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନରେ ଡିଗ୍ରୀ ଶେଷ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିଶାସ୍ତ୍ରରେ ସ୍ନାତକୋତ୍ତର ଓ ପି.ଏଚ୍.ଡି କଲେ। ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ସେ ୧୯୧୮ରେ ରାଜନୀତି ଅର୍ଥଶାସ୍ତ୍ରରେ ପ୍ରଫେସର ଭାବେ ନିଯୁକ୍ତି ହେଲେ। ସେଠାରେ ମଧ ତାଙ୍କୁ ଅଛୁଆଁ କହି ପାଣି ଛୁଇଁବାକୁ ବାରଣ କରାଯାଇଥିଲା। ବିଦ୍ୟାସାରି ବହୁ କୃତିତ୍ୱର ଅଧିକାରୀ ହୋଇ ଭାରତ ଫେରିବା ପରେ ସୁଦ୍ଧା ଜାତିଜନିତ ଅପ୍ରୀତିକର ପରିସ୍ଥିତିରୁ ମୁକ୍ତି ପାଇପାରି ନଥିଲେ। ଏକ ସମୟରେ ଅଧସ୍ତନ କର୍ମଚାରୀମାନେ ତାଙ୍କ ହାତରେ ଫାଇଲ, କାଗଜପତ୍ର ଆଦି ନଦେଇ ଟେବଲ ଉପରେ ଫୋପାଡୁଥିଲେ। ଅପମାନିତ ହୋଇଚାଲିବାରୁ ଜାତିଆଣ ପ୍ରଥା ବିରୋଧରେ ସଂଗ୍ରାମ କରିବା ପାଇଁ ପ୍ରତିଜ୍ଞା କରି ଶେଷରେ ସଫଳ ହୋଇଥିଲେ। ପରବର୍ତ୍ତୀ କାଳରେ ସେ ଏହି ଅସ୍ପୃଶ୍ୟତାକୁ ଦୂରେଇବା ପାଇଁ ନିଜର ସଂଗ୍ରାମ ଆରମ୍ଭ କଲେ। ବମ୍ବେ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଅଭ୍ୟାସ ଜରି ରଖିଥିବା ବେଳେ ସେ ଏହି ଛୁଆଁ ଅଛୁଆଁ ଭେଦଭାବକୁ ଦୂରେଇବାକୁ ଚେଷ୍ଟା କଲେ। ୧୯୨୫ରେ ତାଙ୍କୁ ବମ୍ବେ ପ୍ରେସିଡେନ୍ସି କମିଟି ପକ୍ଷରୁ ଅଲ୍ ୟୁରୋପିଆନ ସାଇମନ କମିଶନ ସହ କାମ କରିବାକୁ ପ୍ରସ୍ତାବ ଦିଆଗଲା। କିନ୍ତୁ ସେତେବେଳେ ଏହି କମିଶନ ଭାରତରେ ବିରୋଧ ପ୍ରଦର୍ଶନ କରୁଥିଲା। ଭାରତୀୟମାନେ କମିଶନ ରିପୋର୍ଟ ମାନିବାକୁ ଅସ୍ୱୀକାର କରିବା ପରେ ଆମ୍ବେଦକର ଭାରତର ଭବିଷ୍ୟତ ପାଇଁ ନୂତନ ସମ୍ବିଧାନ ତିଆରି ସୁପାରିଶ କଲେ। ୧୯୨୭ ବେଳକୁ ସେ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ସକ୍ରିୟ ଆନ୍ଦୋଳନ କଲେ। ଇଂରେଜଙ୍କୁ ମୁହଁତୋଡ଼ ଜବାବ ଦେବାପାଇଁ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ସରକାର ଆମ୍ବେଦକରଙ୍କୁ ପ୍ରଥମ ଆଇନ ମନ୍ତ୍ରୀ ଭାବେ ଅବସ୍ଥାପିତ କଲେ। ଅଗଷ୍ଟ ୨୯, ୧୯୪୭ରେ ତାଙ୍କୁ କନ୍‌ଷ୍ଟିଚ୍ୟୁସନ ଡ୍ରାଫ୍ଟିଂ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତ କରାଗଲା। ଏଥିସହ ଭାରତର ନୂଆ ସମ୍ବିଧାନ ପ୍ରଣୟନ ପାଇଁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଗଲା। ୧୯୫୬ ଡିସେମ୍ବର ୬ରେ ତାଙ୍କର ମହାପ୍ରୟାଣ ହୋଇଥିଲା। ଏକଦା ସେ ଲେଖିଥିଲେ, ଭାରତ ହେଉଛି ଅସମାନତାର ଦେଶ। ଏବଂ ଅସ୍ପୃଶ୍ୟତା ନିବାରଣ ମୋର ଜନ୍ମଗତ ଅଧିକାର।

## ଦି'ବ୍ରେନରେ ବିଶ୍ୱ ଅଟିଜିମ ଦିବସ ପାଳିତ

କଟକ (ପିଏନ୍): ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତର୍ଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ଏହି ଦୁଃଖଦ ଘଟଣାକ୍ରମରେ ଡାକ୍ତର ଗୋପାଳ ଚନ୍ଦ୍ର କର, ସମ୍ରାଟ କର, ଅଶ୍ରୁମୋଚନ ସାହୁ ବଡ଼ ନିନ୍ଦା କରିଛନ୍ତି। କାରଣ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ କୁହାଯାଉଥିବାବେଳେ ସେମାନଙ୍କ ପାଇଁ ଏହିପରି ଦୁର୍ବ୍ୟବହାର ଅତ୍ୟନ୍ତ କଷ୍ଟଦାୟକ। କାର୍ଯ୍ୟକ୍ରମରେ ଡାକ୍ତର ଶୁଭଶ୍ର ମିଶ୍ର ଓ ସମ୍ବିଦ କର ସାମିଲ ହୋଇଥିଲେ। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

## ଧବଳେଶ୍ୱର ଗଡ଼ା ଭାଗବତ ଗାଦି ପକ୍ଷରୁ ଦୋଳ ମହୋତ୍ସବ

କଟକ,(ପି.ଏନ): କଟକ ସିଡିଏ ସନ୍ନିକଟ ଧବଳେଶ୍ୱରଗଡ଼ା ଭାଗବତଗାଦି ବଡ଼ଦାଣ୍ଡ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ମା'ବୁଢ଼ୀ ମଙ୍ଗଳା, ଗାଦିବ୍ରହ୍ମର ମିଳିତ ଆୟୋଜନରେ ଦୋଳ ମହୋତ୍ସବ ଓ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆବାହକ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସାହି ମୁରବୀ କୁଳମଣି ନାୟକ, ବିଶ୍ୱନାଥ ଦଳାଇ, ଖଗେଶ୍ୱର ଦାସ, ନାରାୟଣ ଓଝା, ନିରଞ୍ଜନ ସାହୁ, ଶରତ କୁମାର ପଣ୍ଡା, ଆଲୋକ ଚରଣ ଓଝା, ସନତ କୁମାର ଓଝା, ଦୀପକ ବାରିକ,



ରାହୁଲ ଓଝା, ଧନେଶ୍ୱର ମହାନ୍ତି, ସିଲୁ ଜେନା, ଚମ୍ପା ଓଝା, ହେନାରାଣୀ ଓଝା, କଲ୍ୟାଣୀ ମହାରଣା, ମମତା ଓଝା, ପୂଜା ମହାରଣା, ରଞ୍ଜୁଲତା ଓଝା, ପ୍ରଶାନ୍ତ ନାୟକ, ବାଟୁ ନାୟକ, ମନୋଜ ସାହୁ, ଶ୍ରୀଧର ରାଉଳ, ସନ୍ତୋଷ ମିଶ୍ର, ସୌମ୍ୟ ସନ୍ଦୀପ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା

କଟକ (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ମଂଚ ତରଫରୁ ବିଶାଳ ବାଇକ ଶୋଭାଯାତ୍ରା କଟକ ମହାନଗରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ବାଇକରେ ଯୁବକମାନେ ଦିନ ୧୧ ଘଟିକାରୁ ବାହାରି ଶୋଭାଯାତ୍ରାରେ କଟକ ସହର ପରିକ୍ରମା କରିଥିଲେ। ସଭିଙ୍କ ହାତରେ ଥିଲା ଗୈରୀକ ପତାକା ଏବଂ ମୁଖରେ ଥିଲା 'ଜୟ ଶ୍ରୀରାମ ଧ୍ୱନୀ'। ଏହି ବାଇକ ଶୋଭାଯାତ୍ରା ଷ୍ଟାଡିୟମ ପଡିଆ, ଚଣ୍ଡିଛକ, ବକ୍ସିବଜାର, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଯୋବ୍ରା, ନୂଆ ବଜାର, ଓଏମ୍‌ପି ଛକ, ପ୍ରେସ ଛକ ଦେଇ ଖାନ୍ ନଗର ପଂଚମୁଖି ମନ୍ଦିର ନିକଟରେ ପହଁଚିଥିଲା। ଏଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ସମନ୍ୱୟ ପ୍ରମୁଖ ବିନୟ କୁମାର ଭୂୟା ଯୋଗଦାନ କରି ପଣା ସକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସେ କହିଛନ୍ତି, ଶ୍ରୀ ହନୁମାନ ଯେପରି ଭଗବାନ ଶ୍ରୀରାମଙ୍କ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେହିପରି ବର୍ତ୍ତମାନର ଯୁବସମାଜ ରାଷ୍ଟ୍ରକାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସୀତାମାତାଙ୍କୁ ନାରୀ ଜାତିର ଆଦର୍ଶ ମନେକରୁଥିବା ଆଜିର ଯୁବସମାଜ ଆଗରେ ଲଭ ଜୀହାଦ୍, ଅପହରଣ, ବଳାତ୍କାର ତଥା ଧର୍ମାନ୍ତରଣ ଭଳି ସମ୍ବେଦନଶୀଳ ଘଟଣା ଦୈନନ୍ଦିନ ଘଟି ଚାଲିଛି। ଗୋ-ମାତାଙ୍କ ଅବାଧ ହତ୍ୟା ଭାରତୀୟ ମାତୃସମାଜ ପାଇଁ ଘୋର ଅପମାନ। ଏହାର ସମାଧାନ ପାଇଁ ଆଜିର ଯୁବସମାଜ ଅଣ୍ଟାଭିଡ଼ିଛି। ଉକ୍ତ ସଭାରେ ହିନ୍ଦୁ ଜାଗରଣ ମଂଚର ପ୍ରଦେଶ ସଂଗଠନ ସଂପାଦକ ତନ୍ମୟ ଦାଶ ତାଙ୍କ ମାର୍ଗଦର୍ଶନରେ କହିଲେ ପ୍ରଭୁ ଜଗନ୍ନାଥ ଓଡ଼ିଶାର ପରିଚୟ। ଜଗନ୍ନାଥ ସଂସ୍କୃତି ପ୍ରତ୍ୟକ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ତଥା ସ୍ୱାଭିମାନର ପ୍ରତୀକ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଓଡ଼ିଶା ସରକାର ବିଗତ ଦିନରେ ଶ୍ରୀମନ୍ଦିରର ପୁରାତନ ଐତିହ୍ୟକୁ ଧ୍ୱଂସ କରିଚାଲିଛନ୍ତି। ସେଥିପାଇଁ ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନ ପଣାସଂକ୍ରାନ୍ତି ଠାରୁ ଆସନ୍ତା ୨୦ତାରିଖ ପର୍ଯନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ହିନ୍ଦୁଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ରଘୁନାଥ ବାରିକ, ରାଜ୍ୟ ଯୁବବାହିନୀ ପ୍ରମୁଖ ରାକେଶ ଧୂପର, ଜିଲ୍ଲା ସଂଯୋଜକ ଗୁରୁ ପ୍ରସାଦ ସାହୁ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ଦାଶ, ଅମିତ ରାଉତରାୟ, ଶୁଭମ ଆଚାର୍ଯ୍ୟ, ସରୋଜ ମିଶ୍ର, ଅଭୟ ଶାହା, ପିନାକୀ ପାର୍ଥସାରଥୀ, ସନୀ ପଟ୍ଟନାୟକ, ବିଷାଦ ନାୟକ, ରଣଦୀପ ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ସମସ୍ତ ପ୍ରକାରର ଦାୟିତ୍ୱ ନିର୍ବାହ କରିଥିଲେ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର ପିଏନ୍)- ପାଚିକା ଚୟନରେ ବାହାନଗା ସିଡିପିଓ ଅନିୟମିତତା କରିଛନ୍ତି ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ଆବେଦନକାରୀ ନିଃସହାୟ ମହିଳା ଜାନକୀ ପାତ୍ର। ସୂଚନା ଥାଉକି, ବାହାନଗା ବ୍ଲକ ସାଉଡ ପଞ୍ଚାୟତର ବାଜଣା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ପାଚିକା ଚୟନ କରାଯାଇଛି। ଏହି ଚୟନ ପ୍ରକ୍ରିୟାରେ ଗ୍ରାମର ବୈକୁଣ୍ଠ ପାତ୍ରଙ୍କ ଝିଅ ତଥା ନିରାଶ୍ରୟୀ ଜାନକୀ ପାତ୍ର ଆବେଦନ କରିଥିଲେ। ତେବେ ଚୟନ ବେଳେ ବାହାନଗା ସିଡିପିଓ ଙ୍କ ସମେତ ଗ୍ରାମର ମହିଳା ମାନେ ଉପସ୍ଥିତ ଥିଲେ। ପାଚିକା ନାମକୁ ନେଇ ହଟଗଳ ହେବାରୁ ବୈଠକ ସ୍ଥଗିତ ରହିଲା ବୋଲି ଲିଖିତ ଦେଇ ସିଡିପିଓ ସେଠାରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ଆଉ ବୈଠକ ନ ବସାଇ ଅନ୍ୟ ଜଣକ ନାମକୁ ସିଡିପିଓ ବେନିୟମ ଭାବେ ଚୟନ କରିଥିବାର ଆବେଦନକାରୀ ମହିଳା ଅଭିଯୋଗ କରିଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସଂସ୍କୃତି ବିଭାଗର ଅନୁ ଶାସନ ସଚିବ ଲକ୍ଷ୍ମୀଧର ବେହେରା, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରବୀର ମହାନ୍ତି ପ୍ରମୁଖ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମାଲ୍ୟାର୍ପଣ ପରେ ସ୍ଥାନୀୟ କରପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ ଓ ସାମ୍ବାଦିକା କବିତା ସ୍ୱାଇଁଙ୍କୁ ଲକ୍ଷ୍ମଣ ନାୟକ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ପ୍ରତାପ କୁମାର ସ୍ୱାଇଁ, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, କ୍ଷେତ୍ରମୋହନ ନାୟକ, ଅକ୍ଷୟ ଜେଠୀ, ପ୍ରତାପ କୁମାର ନନ୍ଦ, ସମରଂଜନ ମହାନ୍ତି ଓ ରାମଚନ୍ଦ୍ର ସାମଲ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଁଥିଲେ।

## ତେଲେଙ୍ଗାନାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରମିକ ମୃତ,

ନୂଆପଡ଼ା,(ପି.ଏନ): ନୂଆପଡା ଜିଲ୍ଲା କୋମନା ଥାନା ବୁଦ୍ଧିକୋମନା ପଞ୍ଚାୟତ ସ୍ଥିତ ଡୋଙ୍ଗରିପାଲି ଗାଁର ଜଣେ ଯୁବକ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇ ବିଦ୍ୟୁତ ସଂସ୍ପର୍ଷରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ଡୋଙ୍ଗରିପାଲି ଗାଁର ନାରାୟଣ ସିନ୍ଦୁର (୪୮)। ଗତ ନଭେମ୍ବର ମାସରେ ଖରିଆରରୋଡ ର ଦାଦନ ସର୍ଦ୍ଦାର ବୁଲୁ ନାଏକ ଙ୍କ ସହ ତେଲେଙ୍ଗାନା ମଦାପୁର ଗାଁ ରବି ମୁଳାବଦଙ୍କ ଇଟାଭାଟି କୁ ଇଟା ତିଆରି କରିବା ପାଇଁ ଯାଇଥିଲେ। ଗତ ୨୭ ତାରିଖ ବୁଧବାର ରାତ୍ରି ପ୍ରାୟ ୧୧ ଟା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି। ଫୋନ ଯୋଗେ ପରିବାର ଲୋକ ଖବର ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା ଙ୍କୁ ମୃତଦେହ ଗାଁ କୁ ଆଣିବା ପାଇଁ ନିବେଦନ କରିଛନ୍ତି। ସେ ଜଣେ ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି। ଘରେ ମୃତକଙ୍କ ପୁଅ ଗୋବିନ୍ଦା ସିନ୍ଦୂର (୨୨) ଓ ୮୦ ବର୍ଷିୟା ବାପା ଉଗ୍ର ସିନ୍ଦୁର, ମାଆ ରାହାସ ସିନ୍ଦୁର ଅଛନ୍ତି। ଗରିବ ଅସହାୟ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକ ଓ ସଂପର୍କିୟମାନେ ଦାବି କରିଛନ୍ତି।

## ଗୁମ୍ମାରେ ପ୍ରସିଦ୍ଧ ଫଗୁଣ ଯାତ୍ରା

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ଠାରେ ପ୍ରସିଦ୍ଧ ଫଗୁଣ ଯାତ୍ରା ମହାସମାରୋହରେ ସମାହିତ ହୋଇଛି. ଏନେଇ ଗୁମ୍ମା ପାଇକ ସାହି ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଚଳନ୍ତି ପ୍ରତିମାକୁ ଦୋଳ ବା ବିମାନରେ ବସାଇ ଗ୍ରାମ ପରିକ୍ରମା ଆରମ୍ଭ କରାଯାଏ ଏବଂ ଦୁଆର ଦୁଆର ବୁଲି ଭୋଗ ଖାଆନ୍ତି ଠାକୁରେ। ଏହି ଅବସରରେ ସନ୍ଧ୍ୟା ସମୟରେ ଆଲୋକ ମାଳାରେ ମନ୍ଦିର ପରିସର ଝଲସି ଉଠୁଥିବା ସହ ବହୁ ଲୋକପ୍ରିୟ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା। ତେବେ ପରମ୍ପରା ଅନୁସାରେ ପାଞ୍ଚ ଦିନ ଧରି ରାଧା କୃଷ୍ଣ ବିଗ୍ରହଙ୍କୁ ଗାଁ ପରିକ୍ରମା କରିବା ସହ ଗାଁ ମଣ୍ଡପ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକ କଳା ନାଟକ ପରିବେଷଣର ଆୟୋଜନ କରାଯାଇଥାଏ।

## ବାମପନ୍ଥୀ, ବିଚ୍ଛିନ୍ନତାବାଦର ମୂଳପୋଛ ପାଇଁ ଆହ୍ୱାନ

ଭୁବନେଶ୍ୱର (ପିଏନ୍) : ବାମପନ୍ଥୀ, ବିଚ୍ଛିନ୍ନତାବାଦର ମୂଳପୋଛ, ସରକାରଙ୍କ ବିରୁଦ୍ଧରେ ବାମପନ୍ଥୀ ବିଚ୍ଛିନ୍ନତାବାଦୀଙ୍କ ମିଥ୍ୟା ପ୍ରଚାରଠାରୁ ନିବୃତ୍ତ ଏବଂ ବାମପନ୍ଥୀ କାର୍ଯ୍ୟକଳାପଠାରୁ ଦୂରରେ ରହି ସରକାରଙ୍କ ନିକଟରେ ଆତ୍ମସମର୍ପଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଦେଶ ଗଠନରେ ସାମିଲ୍ ହେବା ଲାଗି ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ଡ଼ିଆଇଜି ଅନିରୁଦ୍ଧ ସିଂ। ଭୁବନେଶ୍ୱର କିଟ୍ ପରିସର ମଧ୍ୟରେ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଚାଲିଥିବା ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ସିଂ ଯୋଗଦେଇ ଛତିଶଗଡ଼ ଏବଂ ଝାରଖଣ୍ଡ ରାଜ୍ୟରୁ ଆସିଥିବା ୨୦୦ ଯୁବକ, ଯୁବତୀ ମାନଙ୍କୁ ହୃଦୟସ୍ପର୍ଶୀ ଉଦ୍‌ବୋଧନ ଦେଇ ମନ ଜିଣି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶିକା ରୀତା ଭଗତ, ଉପନିର୍ଦ୍ଦେଶକ ବିମଲ ପାତ୍ରିକ ଶାହା, କେନ୍ଦୁଝର ଜିଲ୍ଲାର ଯୁବ ଅଧିକାରୀ ବସୁନ୍ଧରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହାକୁଆ ମେଳଣ ଶାନ୍ତି ଶୃଙ୍ଖଳାରେ ଶେଷ

ଫୁଲନଖରା (ପିଏନ୍)-କଟକ ସଦର ଅନ୍ତର୍ଗତ ଶଙ୍ଖତ୍ରାସ ଅଞ୍ଚଳର ପ୍ରସିଦ୍ଧ ହାକୁଆ ମେଳଣ ଉଦଯାପିତ ହୋଇଛି। ଏଥିରେ ସିଦ୍ଧଗୋସାଇଁ ଗାଦିର ଶ୍ରୀରାଧାକୃଷ୍ଣ, ଗୌରୀଶ୍ୱର ଗାଦିର ଚନ୍ଦ୍ରଶେଖର ଏବଂ ଦେଉଳିସ୍ଥିତ ବାଲୁଙ୍କେଶ୍ୱର ଗାଦି ଥାନପତିଭାବେ ଅଂଶଗ୍ରହଣ କରିଥିବାବେଳେ ଶଙ୍ଖତ୍ରାସ ପତି ଶାସନର ଦୋଳଗୋବିନ୍ଦ ଦେବ ଯୁଗ୍ମ ଥାନପତିଭାବେ ଅବସ୍ଥାପିତ ହୋଇଥିଲେ। ରାଜଦୋଳର ଅନ୍ତିମ ମେଳଣଭାବେ ପରିଚିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ମୋଟ ୨୨ଗାଦି ଦୋଳ ବିମାନ ଯୋଗଦେଇଥିଲେ। କୋଭିଡ଼ କଟକଣା ମଧ୍ୟରେ ପାଳିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିଲା। ମେଳଣ ଶାନ୍ତି କମିଟି ସଭାପତି ତଥା ଆଇନଜୀବୀ ଉମାକାନ୍ତ ନନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନକୁମାର ପତି, ଖଣ୍ଡାଏତା ସରପଞ୍ଚ ଗାୟତ୍ରୀ ପରିଡ଼ା, ଜିଲାପରିଷଦ ସଭ୍ୟା ଆଶାଲତା ବେହେରା, ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜୀବନକୃଷ୍ଣ ସାମ'ରାୟ, ଡାକ୍ତର ଅରବିନ୍ଦ ନନ୍ଦ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର ଓ ଲଳିତକୁମାର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତନ୍ମୟ ନନ୍ଦ, ସୁରପ୍ରସାଦ ନନ୍ଦ, ସଜିତ ବୈଠାଲୁ, ସନ୍ଦୀପ ରାଉତରାୟ, ପ୍ରଶାନ୍ତ ସାହୁ, ପ୍ରଫୁଲ୍ଲ ଛାଟୋଇ ଓ ଅମୂଲ୍ୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶାନ୍ତି କମିଟି କର୍ମକର୍ତ୍ତା, ବିଭିନ୍ନ ଗାଦି ମାର୍ଫତଦାର ଓ ରକେଟ୍ସ କ୍ଲବର ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ।

# ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପାନୀ ଉତ୍ସବ

ଭୁବନେଶ୍ୱର,(ପି.ଏନ): ରେଲ ୱେ ଭଦ୍ରକ କୁ ହରାଇ ନିମ ପୁର କଟକ ଚମ୍ପିୟାନ ବାସୁଦେବପୁର - ଓଡ଼ିଶାର ପ୍ରଖ୍ୟାତ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଅଟଳ ବିହାରୀ ମହାବିଦ୍ୟାଳୟ ପରିସର ରେ ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ର ଉଦ୍ଜାପାନୀ ହୋଇ ଯାଇଛି। ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, କ୍ରିକେଟର ପ୍ରଭଞ୍ଜନ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସର ରେ ବିଜେଡ଼ି ନେତା ମାନସ ସାହୁ, ଦେବ ଦର୍ଶନ ଦାସ, କାଉନସିଲର ଚନ୍ଦନ ସେନ, କୃଷ୍ଣ ଚନ୍ଦ୍ର ଘଡାଇ, ସରପଂଚ ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଶେଷ ତଥା ଅନ୍ତିମ ମ୍ୟାଚ୍ ଟି ନିମ ପୁର କଟକ ଓ ରେଲ୍ ୱେ ଭଦ୍ରକ ମଧ ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କଟକ ୧୬୩ ରନ ର ବିଜୟ ଲକ୍ଷ୍ୟ ଭଦ୍ରକ କୁ ଦେଇଥିଲା ବେଳେ ଭଦ୍ରକ



ଟିମ୍ ୧୪ ଟି ବଲ ବାକି ଥାଇ ଅଲ୍ ଆଉଟ୍ ହୋଇ ଯାଇଥିଲା। ଫଳ ରେ ନିମ ପୁର କଟକ ୨୬ ରନ୍ ରେ ବିଜୟ ହୋଇଥିଲା।ଉତ୍କଳିକା କ୍ରିକେଟ କ୍ଲବ୍ ପକ୍ଷ ରୁ ଚମ୍ପିୟାନ ଦଳ କୁ ତିରିଶ ହଜାର ଟଙ୍କା ଟ୍ରଫି ଓ ରନସ୍ ଅପ୍ ଦଳ କୁ ପଚିଶ ହଜାର ଟଙ୍କା ଟ୍ରଫି ପ୍ରଦାନ କରାଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ ଉଦୟ ଜେନା ସଂଯୋଜନା କରିଥିବା ବେଳେ ରଞ୍ଜନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ତିନି ଦିନ ଧରି ଆୟୋଜିତ ଏହି ମ୍ୟାଚ୍ ରେ ରାଜ୍ୟ ର ବିଭିନ୍ନ ସ୍ଥାନ ରୁ ଟିମ୍ ଯୋଗ ଦାନ କରିଥିଲେ। ଖେଳ କୁ ବାବୁ ସିନା, ଓ ଉତ୍ତମ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।ଖେଳ କୁ ରେଫରି ଭାବେ ଦେବ ବ୍ରତ ଦାସ ଓ ଅମ୍ପାୟାର ଭାବେ ଲଲାଟ ପ୍ରସାଦ ନନ୍ଦ ଓ ସାର୍ଥକ ବିଶ୍ୱାଳ ପରିଚାଳନା କରିଥିଲେ। କ୍ଲବ୍ ପକ୍ଷ ରୁ ସମ୍ପାଦକ ରଞ୍ଜନ ମହାପାତ୍ର,କାଳନ୍ଦୀ ସାହୁ, ଶଶି ଭୂଷଣ ବାରିକ୍, ସୁଶାନ୍ତ ସେଠୀ, ଅମର ପାଢ଼ୀ, ଚନ୍ଦ୍ର ଶେଖର ବେହେରା,ଙ୍କ ସହ କ୍ଲବ୍ ର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସଫଳ କରାଇ ଥିଲେ ।

## ପାରଳା ଶିଶୁ ବିଦ୍ୟା ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,(ପି.ଏନ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାରଳାଖେମୁଣ୍ଡି ଆନୁକୂଲ୍ୟରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶ୍ରୀ ସୁଭାଷ ଚନ୍ଦ୍ର ଜମାଦାର, ସମ୍ମାନିତ ଅତିଥି ରୂପେ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ପଟ୍ଟନାୟକ ,ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି, ଦକ୍ଷିଣ-ପୂର୍ବ ସମ୍ଭାଗର ଶିଶୁ ବାଟିକା ସଂଯୋଜକ ଶ୍ରୀଯୁକ୍ତ ଅରୁଣ କୁମାର ବାଗ୍ ଯୋଗ ଦେଇ ଶିଶୁ ମାନଙ୍କର ଶାରୀରିକ, ବିଶେଷ କରି ମାଆ ମାନେ କିପରି ସକ୍ରିୟ ରହିବା ଆବଶ୍ୟକ ଏବଂ ନିଜ ଘର ହିଁ କିପରି ବିଦ୍ୟାଳୟର ସ୍ଥାନ ନେଇ ପାରେ ସେ ସମ୍ବନ୍ଧରେ ଉପସ୍ଥିତ ଶତାଧିକ ଅଭିଭାବକ ଅଭିଭାବକାଙ୍କୁ ବୁଝାଇଥିଲେ।

# ପୋଖରୀରେ ପଡ଼ି ବାଳକ ମୃତ

ଭୁବନେଶ୍ୱର,(ପି.ଏନ): ବାସୁଦେବପୁର ପଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାନାଥ ପୁର ଗ୍ରାମ ର ରଣଜିତ ଜାନାଙ୍କ ଆଠ ବର୍ଷର ପୁତ୍ର ଚନ୍ଦନ କୁମାର ଜାନା ବଡ କୃଷ୍ଣପୁର ପଞ୍ଚାୟତ ର ବହୁମାଘେରୀ ଗ୍ରାମ ରେ ତା'ର ମାମୁଁଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେ ମାମୁଁଙ୍କ ଘରେ ନିକଟରେ ଥିବା ଏକ ପୋଖରୀକୁ ଆଜି ଦ୍ୱିପ୍ରହର ସମୟରେ ଗାଧୋଇବାପାଇଁ ଯାଇଥିଲେ। କୌଣସି କାରଣ ବଶତଃ ପୋଖରୀରେ ବୁଡ଼ିଯାଇଥିଲେ ଏବଂ ତାଙ୍କ ର ମୃତ୍ୟୁ ଘଟିଥିଲା। ମାମୁଁ ଙ୍କ ଘରର ଲୋକମାନେ ଖୋଜାଖୋଜି କରିବା ପରେ ଚନ୍ଦନଙ୍କ ମୃତ ଶରୀରର ପୋଖରୀ ରୁ ପାଇଥିଲେ। ତା'ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଆସିଥିଲେ। ସେଠାରେ



କାର୍ଯ୍ୟରତ ଡାକ୍ତର ଚନ୍ଦନକୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇ ବାସୁଦେବପୁର ଅଞ୍ଚଳରେ ଶୁକର ଛାୟା ଖେଳିଯାଇଛି। ଖବର ପାଇ ବାସୁଦେବପୁର ପୋଲିସ ଡାକ୍ତରଖାନା ରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଶବକୁ ବ୍ୟବଛେଦ ପାଇଁ ଭଦ୍ରକ ପଠାଇଛି।

# ମାତୃ ସତସଙ୍ଗର ବାର୍ଷିକ ଉତ୍ସବ




କେନ୍ଦ୍ରାପଡ଼ା,(ପି.ଏନ): ହରିହରାନନ୍ଦ ମାତୃଆଶ୍ରମ ପରିସରରେ 'ଜ୍ଞାନପ୍ରଭା' ମିଶନ୍ ଆନୁକୂଲ୍ୟରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଏକ ମାତୃ ସତ୍ ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ସହିତ ଗରାପୁରସ୍ଥିତ ଦିବ୍ୟ ଜୀବନସଂଘର ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ତ୍ରିଜିବ ଦାସ ଯୋଗଦାନ କରି ମାତୃଶକ୍ତି ର ପରିବର୍ତ୍ତନ ରେ ସମାଜର ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଆଲୋକପାତ କରିଥିଲେ । ମାତୃଆଶ୍ରମର ସନ୍ନ୍ୟାସୀନି ସ୍ୱାମୀ ଗିରିଜାନନ୍ଦ ଗିରି ପ୍ରଥମେ ଅଭିଭାଷଣ ରଖିଥିବା ବେଳେ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ସଭାପରିଚାଳନା କରିଥିଲେ। ଜ୍ଞାନପ୍ରଭା ମିଶନ୍ର ଉପାଧକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ସମ୍ପାଦିକା ସ୍ୱାମୀ ସାରଦାନନ୍ଦ ଗିରି, ସ୍ୱାମୀ ସତ୍ୟମୟାନନ୍ଦ ଗିରି ଯୋଗଦାନ କରି ସହଯୋଗ କରିଥିଲେ।

## ଦିବଂଗତ ରାଜନେତା ଡ଼ଃ.ଦାମୋଦର ରାଉତଙ୍କ ବିୟୋଗରେ ପାରାଦୀପରେ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ,(ପି.ଏନ): ଆଧୁନିକ ପାରାଦୀପ ବନ୍ଦର ନିର୍ମାଣର ଆଗ୍ରଦୂତ ତଥା ଦିବଂଗତ ରାଜନେତା ଓ ପୂର୍ବତନ ମନ୍ତ୍ରୀ ଡ଼ଃ.ଦାମୋଦର ରାଉତଙ୍କ ବିୟୋଗରେ ପାରାଦୀପ ସ୍ଥିତ ବିଜୁ ପଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଏକ ଅଶ୍ରୁଳ ଭାବାବେଗ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଦଳମତ ନିର୍ବିଶେଷରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ସଭାରେ ପାରାଦୀପ ବିଜେଡି ଦଳ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ବ୍ୟବସାୟୀ ପ୍ରଭାତ ନନ୍ଦୀ, କ୍ଷୀରୋଦ ସ୍ୱାଇଁ ଙ୍କ ସମେତ ଯୁବନେତା ଉଲ୍ଲାସ ବିଶ୍ୱାଳ, ଜ୍ୟୋତିକାନ୍ତ ପରିଡା, ଚିନ୍ମୟ ପରିଡା,ସୁଶୀଲ ମହାପାତ୍ର, ଆଲୋକ ମହାପାତ୍ର, ପାରିଷଦ ମନୋଜ ନାୟକ, ମନୋଜ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାମୋଦର ରାଉତ ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କର ସ୍ମୃତି ଚାରଣ କରିଥିଲେ ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ପାଳିତ

ମାଲକାନଗିରି, (ପି.ଏ): ଜିଲ୍ଲା ପ୍ରଶାସନ ଦ୍ୱାରା ମାଲକାନଗିରି ସଦର ମହକୁମାରେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଦେଇ ଯେଉଁ ବୀରପୁରୁଷମାନେ ସ୍ୱାଧୀନତାର ଇତିହାସ ପୃଷ୍ଠାକୁ ଗୌରବାନ୍ୱିତ କରି ଯାଇଛନ୍ତି, ସେମାନଙ୍କ ମଧ୍ୟରୁ ଶହୀଦ ଲକ୍ଷ୍ମଣ ନାୟକ ସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାୟକ ଥିଲେ ଏକ ଅଶାନ୍ତ ଝଡ ଓ ବରେଣ୍ୟ ବିପ୍ଳବୀ। ଯିଏକି ମାତୃଭୂମିକୁ ସ୍ୱର୍ଗାଦପୀ ଗରୀୟସୀ ବୋଲି ଉପଲବ୍ଧି କରି ଅବଶେଷରେ ଦେଶ ମାତୃକାର ମୁକ୍ତି ପାଇଁ ଆତ୍ମାହୁତି ଦେଇ ଏବେ ମଧ ଭାରତୀୟଙ୍କ ସିଂହାସନରେ ଅଧିଷ୍ଠିତ ହୋଇପାରିଛନ୍ତି। ସେ ଯେଉଁଭଳି ଭାବେ ନିଜ କର୍ତ୍ତବ୍ୟ ପାଳନକୁ ଅଗ୍ରାଧିକାର ଦେଇଥିଲେ, ସେହିପରି ଭାବେ କର୍ତ୍ତବ୍ୟ ପାଳନ କରିବାରେ କେବେ ମଧ ପଛଘୁଞ୍ଚା ନଦେବା ପାଇଁ ଛାତ୍ରୀମାନଙ୍କୁ ଅନୁପ୍ରାଣିତ କରାଯାଇଛି। ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଜିଲ୍ଲା ଯୁବ ଅଧିକାରୀ, ହରିଶ ରୁପଲ୍, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତିଙ୍କ ସମେତ ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ଓ କଲେଜର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ଡା.ସରେଜକାନ୍ତ କାନୁନଗୋଙ୍କ ୩୬ତମ ପୂଣ୍ୟତିଥି ପାଳନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ କାନୁଗୋ ଭବନରେ ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସ୍ୱର୍ଗତ ଡା. ସରୋଜକାନ୍ତ କାନୁନଗୋଙ୍କ ୩୬ତମ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାକୁ ବୟୋଜ୍ୟେଷ୍ଠ ବ୍ୟକ୍ତି ନିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହିତ ଜଗଦିଶ ସାହୁ ଶ୍ରୀମଦ ଭାଗବତ ପାଠ କରିଥିଲେ। ପ୍ରମୋଦ କୁମାର ସାହୁ, ଡା. ପୁରୁଷୋତ୍ତମ ସାହୁ, ଗଜେନ୍ଦ୍ର କୁମାର ମହାନ୍ତି, ନାରାୟଣ ସ୍ୱାଇଁ, ଶରତ କୁମାର ଆଚାର୍ଯ୍ୟ, ରାଜଗୋପାଳ ମହାନ୍ତି, ବସନ୍ତ କୁମାର ଜେନା, ଡା. ବିଶ୍ୱପ୍ରକାଶ କାନୁନଗୋ,



ମଦନମୋହନ ବେହେରା, ପ୍ରାଣକୃଷ୍ଣ ସାମଲ, ଧରଣୀଧର ଦାସ, ଜଳଧର ଦାସ, ନିଗମଶେଖର ମହାନ୍ତି, ଅକ୍ଷୟ କୁମାର ପତି ପ୍ରମୁଖ ସ୍ୱର୍ଗତ ଡା. କାନୁନଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ବାଲିଆ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସାଂସ୍କୃତିକ କ୍ଷେତ୍ରରେ ଆଲୋକବର୍ତ୍ତିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ତର ପିଢୀଙ୍କ ନିକଟରେ ସ୍ମରଣୀୟ ହୋଇ ରହିବା ନିମନ୍ତେ ସ୍ୱର୍ଗତ ଡା. କାନୁନଗୋଙ୍କ ଏକ ସ୍ମୃତି କମିଟି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା। ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ୨ମାସ ମଧ୍ୟରେ ଏକ ସାଧାରଣ ବୈଠକ ଡକାଯାଇ ସ୍ମୃତି କମିଟି ଗଠନ ସହ କମିଟିର ସଦସ୍ୟ/ସଦସ୍ୟାମାନଙ୍କୁ ମନୋନିତ କରାଯିବାକୁ ସ୍ଥିର କରାଯାଇଛି। ସାଂସ୍କୃତିକ ସମାରୋହ କରି ସ୍ମୃତିକୁ ବଞ୍ଚାଇ ରଖିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ଶେଷରେ ପ୍ରମୋଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।






Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray